
# କୁକୁଡା ପାଳନ



ସମ୍ବାଦ ସରବରାହ ସଂସ୍ଥା, ପଶୁପାଳନ ଓ ପଶୁ
ଚିକିତ୍ସା ନିର୍ଦ୍ଦେଶାଳୟ, ଓଡିଶା, କଟକ
(କେନ୍ଦ୍ରୀୟ କୁକ୍କୁଟ ଫାର୍ମ ସୁଦୃଢ଼ୀକରଣ ଯୋଜନା)

# କୁକୁଡ଼ା ପାଳନ



*ମୁଖ୍ୟ ସମ୍ପାଦକ*

**ଶ୍ରୀଯୁକ୍ତ ବିଜୟ କୁମାର ଧଳ,** ଆଇ.ଏ.ଏସ୍.
ନିର୍ଦ୍ଦେଶକ ପଶୁପାଳନ ଓ
ପଶୁଚିକିତ୍ସା ନିର୍ଦ୍ଦେଶାଳୟ, କଟକ

*ସଂପାଦକ*

**ଡାଃ ବିରକିଶୋର ପରିଡ଼ା**
ସୂଚନା ଅଧିକାରୀ

*ସଂପାଦନା ମଣ୍ଡଳୀ*

**ଡାଃ. ସତ୍ୟନାରାୟଣ ପଟ୍ଟନାୟକ**
ଯୁଗ୍ମନିର୍ଦ୍ଦେଶକ

**ଡାଃ. ଲକ୍ଷ୍ମଣ କୁମାର ବେହେରା**
ଉପନିର୍ଦ୍ଦେଶକ (କୁକୁଟ ଉନ୍ନୟନ)

**ଡାଃ. ପ୍ରମୋଦାନନ୍ଦ ମହାପାତ୍ର**
ପଶୁ ଚିକିତ୍ସକ

*ପ୍ରକାଶନା :*
**ସମ୍ବାଦ ସରବରାହ ସଂସ୍ଥା**
**ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ**
**ଓଡ଼ିଶା, କଟକ - ୭୫୩ ୦୦୧**

**(କେନ୍ଦ୍ରୀୟ କୁକ୍କୁଟ ଫାର୍ମ ସୁଦୃଢ଼ୀକରଣ ଯୋଜନା)**

# କୁକୁଡ଼ା ପାଳନ

କୁକୁଡ଼ା ପାଳନ ଆମ ରାଜ୍ୟରେ ବହୁ ପୁରାତନ ପନ୍ଥା । ୧୯୯୬ ବର୍ଷ ଠାରୁ ରାଜ୍ୟ ସରକାର କୁକୁଡ଼ା ପାଳନ ବା ଗୃଷକୁ ଏକ ଶିଳ୍ପ ଭାବରେ ଘୋଷଣା କରିଛନ୍ତି । ଏଥିପାଇଁ ବୈଜ୍ଞାନିକ ପ୍ରଣାଳୀରେ କିପରି କୁକୁଡ଼ା ପାଳନ କରି ଗୃଷୀ ଲାଭବାନ ହୋଇପାରିବେ, ତାହାର ଏକ ସମ୍ୟକ୍ ଧାରଣା ନିମ୍ନରେ ଦିଆଗଲା :

## କୁକୁଡ଼ା ପାଳନ କରିବେ କାହିଁକି ?

୧. କମ୍ ଖର୍ଚ୍ଚ, କମ୍ ସମୟ, କମ୍ ସ୍ଥାନରେ ଏଥିରୁ ଅଧିକ ଲାଭ ମିଳେ ।

୨. ମାଂସଳ କୁକୁଡ଼ା କ୍ଷେତ୍ରରେ ପ୍ରାୟ ଦୁଇ ମାସ ମଧ୍ୟରେ ଲାଭ ସହ ମୂଳଧନ ଫେରସ୍ତ ମିଳିଥାଏ ।

୩. କୁକୁଡ଼ା ଗୃଷରେ ପରିବାରର ପ୍ରତ୍ୟେକ ବ୍ୟକ୍ତି ତାଙ୍କର ବଳକା ସମୟକୁ ଉପଯୋଗ କରିପାରନ୍ତି ।

୪. ଗୃଷ ଅନୁପଯୋଗୀ ଜମିରେ କୁକୁଡ଼ା ଫାର୍ମ କରାଯାଏ ଓ କମ୍ ଜାଗାରେ ଅଧିକ କୁକୁଡ଼ା ରହିପାରନ୍ତି ।

୫. କୁକୁଡ଼ାର ମଳ ଏକ ମୂଲ୍ୟବାନ ଖତସାର ରୂପେ ବ୍ୟବହୃତ ହୁଏ । ୫୦ଟି ଅଣ୍ଡାଦିଆ କୁକୁଡ଼ା ମଳ ପ୍ରାୟ ୧ ଏକର ଜମିରେ ସାର ରୂପେ ବ୍ୟବହାର କରାଯାଏ । କୁକୁଡ଼ା ମଳ ମିଶ୍ରିତ ଏକ ଟନ୍ ଲିଟରରୁ ୧୩୦ କି.ଗ୍ରା. ଆମୋନିୟମ ସଲଫେଟ୍, ୧୨୦ କି.ଗ୍ରା. ସୁପର ଫସ୍‌ଫେଟ୍, ୪୨ କି.ଗ୍ରା. ପୋଟାସ, ୨୮ କି.ଗ୍ରା. କ୍ୟାଲ୍‌ସିୟମ୍ ମିଳେ ।

୬. କୁକୁଡ଼ା ମଳକୁ ଗୋବର ଗ୍ୟାସ ପ୍ଲାଣ୍ଟରେ ବ୍ୟବହାର କରି ଆଲୋକ ଓ ଜାଳେଣି ଏବେ ମିଳିପାରୁଛି ।

୭. କୁକୁଡ଼ା ଅଣ୍ଡା ବେଶ୍ ପୁଷ୍ଟିକର ଓ ସମସ୍ତ ପ୍ରକାର ଅପଦ୍ରବ ମିଶ୍ରଣରୁ ବଞ୍ଚିତ ।

୮. କୁକୁଡ଼ା ଅଣ୍ଡା ଓ ମାଂସରେ ଅଧିକ ପ୍ରୋଟିନ୍ ଓ କମ୍ ଚର୍ବି ଥିବାରୁ ଏହା ବୟସ ନିର୍ବିଶେଷ ଲୋକଙ୍କର ଉପଯୁକ୍ତ ଖାଦ୍ୟ ହୋଇପାରିଛି ଏବଂ ଏହା ସହଜରେ ହଜମ ହୋଇଥାଏ ।

୯. କୁକୁଡ଼ା ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କ ତୁଳନାରେ କମ୍ ଖାଏ । ତେଣୁ ଅଧିକ ଲାଭ ଦିଏ ।

୧୦. କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ଏହା ସହଜରେ ଉପଜୀବିକା ଯୋଗାଏ ।

**କୁକୁଡ଼ା ଜାତି**

**ଆମ ଦେଶରେ ମିଳୁଥିବା କୁକୁଡ଼ା :**

**ଲେଗହର୍ଣ୍ଣ :**

ବିଭିନ୍ନ କିସମର ଲେଗହର୍ଣ୍ଣ କୁକୁଡ଼ାମାନଙ୍କ ମଧ୍ୟରୁ ଲେଗହର୍ଣ୍ଣ ଓ ବାଦାମୀ ଲେଗହର୍ଣ୍ଣ ପ୍ରଧାନ । ଧଳା ଲେଗହର୍ଣ୍ଣ ଅଧିକ ଅଣ୍ଡା ଉତ୍ପାଦନ ପାଇଁ ବିଖ୍ୟାତ । ଆଜିକାଲି ଯେଉଁ ଅତି ଉନ୍ନତ ଅଣ୍ଡାଦିଆ କୁକୁଡ଼ା ମିଳୁଛି ସମସ୍ତେ ଏହି ଧଳା ଲେକହର୍ଣ୍ଣ କୁକୁଡ଼ାରୁ ସୃଷ୍ଟି । ଏମାନଙ୍କର ଚୂଳ ଏକଚୂଳ ବିଶିଷ୍ଟ ଓ ଓଜନ କମ୍ । ଧଳା ଲେଗହର୍ଣ୍ଣ କୁକୁଡ଼ାଙ୍କର କର୍ଣ୍ଣପାଳି ଧଳା ଓ ଏମାନେ ଧଳା ଅଣ୍ଡା ଦିଅନ୍ତି ।

**ରୋଡ୍ ଆଇଲ୍ୟାଣ୍ଡ ରେଡ୍ (ଆର,ଆର.ଆର) :**

ଏମାନଙ୍କର ରଙ୍ଗ ଲାଲ, ଗୋଡ଼ ହଳଦିଆ ପେଣ୍ଠିର ଓଜନ ୨-୩ କି.ଗ୍ରା. ଏବଂ ଗଞ୍ଜାର ଓଜନ ୩ ରୁ ୪ କିଲୋ । ଏମାନେ ଏକକ ଚୂଳ ବିଶିଷ୍ଟ । ପେଣ୍ଠିମାନଙ୍କର ବାର୍ଷିକ ଅଣ୍ଡା ଦେବା କ୍ଷମତା ୨୩୦-୨୫୦ । ଏମାନଙ୍କର ଚୂଳ ଏକକ ଚୂଳ ଓ ଗୋଲାପି ଚୂଳ, କର୍ଣ୍ଣପାଳି ଲାଲ, ଏମାନେ ଫିକାଲାଲ ରଙ୍ଗର ଅଣ୍ଡା ଦିଅନ୍ତି ।

**ଅସିଲ :**

ଏହି ପ୍ରଜାତି କୁକୁଡ଼ାମାନେ ମୂଖ୍ୟତଃ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଦେଖାଯାଆନ୍ତି । ଏମାନେ ସାଧାରଣତଃ କୁକୁଡ଼ା ଲଢ଼େଇ ପାଇଁ ବିଖ୍ୟାତ୍ । ଏମାନଙ୍କ ମୁହଁ ଲମ୍ବା, ବେକ ମୋଟା, ଛାତି ଚଉଡ଼ା, ନଳି ଗୋଡ଼ ଖୁବ୍ ଶକ୍ତ ଓ ଲମ୍ବା । ଦେହର ପକ୍ଷଗୁଡ଼ିକ ଢ଼ିଲାଳିଆ, ଦେହର ରଙ୍ଗ ବିଭିନ୍ନ ରଙ୍ଗର । କର୍ଣ୍ଣପାଳି ଲାଲ, ଚର୍ମର ରଙ୍ଗ ହଳଦିଆ । ଏମାନଙ୍କର ମାଂସ ସୁସ୍ୱାଦୁ ବୟସ୍କ ପେଣ୍ଠିମାନଙ୍କର ଓଜନ ୨-୩ କିଲୋ ଓ ଗଞ୍ଜା ମାନଙ୍କର ଓଜନ ୩-୪ କିଲୋ । ଏମାନେ ଫିକାଲାଲ ଅଣ୍ଡା ଦିଅନ୍ତି ।

**କଡ଼କ୍‌ନାଥ :**

ମଧ୍ୟପ୍ରଦେଶର ଝାବୁଆ ଓ ଧର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଏହି ପ୍ରଜାତି କୁକୁଡ଼ା ବେଶି ପରିମାଣରେ ଦେଖାଯାଆନ୍ତି । ଆମ ରାଜ୍ୟର କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର କେତେକ ଅଞ୍ଚଳରେ ମଧ୍ୟ ଏ ପ୍ରଜାପତିର କୁକୁଡ଼ାର ଦେଖାଯାଆନ୍ତି । ଏମାନଙ୍କର ପୁଛ

ରଙ୍ଗ ରୂପାଳିଆ କିମ୍ବା ହଳଦିଆ ଧାରଥିବା ନୀଳ କଳା; ଚର୍ମ, ନୀଳଗୋଡ଼ ଓ ପାଦସିଲଟ ରଙ୍ଗର, ଚୂଳ ଓ ଫୁଲିର ରଙ୍ଗ ବାଇଗଣିଆ ଲାଲ, ଏମାନେ ଏକ ଚୂଳିଆ, ମାଂସର ରଙ୍ଗକଳା, ଦେହ ଭିତରେ ବିଭିନ୍ନ ଅଂଶ ମଧ୍ୟ କଳା, ମାଂସ ଅତ୍ୟନ୍ତ ସୁସ୍ୱାଦୁ । ଏମାନେ ଫିକାଲିଆ ଲାଲରଙ୍ଗ ଅଣ୍ଡା ଦିଅନ୍ତି କାରଣ ଏମାନଙ୍କର କର୍ଣ୍ଣପାଲି ଲାଲ ରଙ୍ଗର ।

**ଢିଙ୍କି କୁକୁଡ଼ା :**

ଏହି ପ୍ରଜାତି କୁକୁଡ଼ା କୋରାପୁଟ ଜିଲ୍ଲାର କୁନ୍ଦୁଲି ଓ ନାରାୟଣ ପାଟଣା ଅଞ୍ଚଳରେ ମିଳନ୍ତି । ଓଡ଼ିଶାର ଅନ୍ୟ ପ୍ରଜାତିର କୁକୁଡ଼ା ମାନଙ୍କ ଠାରୁ ଏମାନେ ଆକାରରେ ବଡ଼ ଓ ଅଧିକ ଓଜନିଆ । ଏମାନଙ୍କର ମୁଣ୍ଡ ଅପେକ୍ଷାକୃତ ବଡ଼ । ମୁଣ୍ଡର ଆଗପଟ ହାଡ଼ ଓ ଥଣ୍ଟମୂଳ ମଝିରେ ଛୋଟ ଲାଲ୍ ରଙ୍ଗର ମଟର ଚୂଳ ଦେଖାଯାଏ । କର୍ଣ୍ଣପାଲି ଲାଲ, ବେକ ଲମ୍ବା, ମୋଟା ଓ ମଜବଭୂତ । ଛାତି ଚଉଡ଼ା, ଚର୍ମର ରଙ୍ଗ ଲାଲ, ଡେଣା ଗୁଡ଼ିକ ଖୁବ୍ ମଜଭୂତ୍ । ଖୁବ୍ କମ୍ ଅଣ୍ଡା ଦିଅନ୍ତି, ଗୋଟିଏ ମୁଥରେ ୬-୮ ଟି ଅଣ୍ଡା ଦିଅନ୍ତି, କୁକୁଡ଼ା ଲଢ଼େଇ ପାଇଁ ଏମାନେ ମୁଖ୍ୟତ ବ୍ୟବହୃତ ହୁଅନ୍ତି । ଲଢ଼େଇ ବେଳେ ଏମାନଙ୍କ ଗୋଡ଼ରେ ଛୁରୀ ଲଗାଯାଏନା । ଲଢ଼େଇରୁ ଏମାନେ ଭାଗନ୍ତି ନାହିଁ । ଏମାନଙ୍କର ଅଣ୍ଡାର ରଙ୍ଗ ଫିକାଳିଆ ଲାଲ ।

**ଭେଜାଗୁଡ଼ା :**

ଭେଜାଗୁଡ଼ା ପ୍ରଜାତି କୁକୁଡ଼ା କୋରାପୁଟ ଜୟପୁର, କୁନ୍ଦ୍ରା, ବୋଇପାରୀଗୁଡ଼ା କୋଟପଡ଼ ଓ ମାଲିକାନାଗିରି ଜିଲ୍ଲାରେ ମିଳନ୍ତି । ଏମାନଙ୍କର ଆକାର ସାଧାରଣ ଦେଶି କୁକୁଡ଼ାଠାରୁ ବଡ଼ ଓ ଅଧିକ ଓଜନ । ବିଭିନ୍ନ ରଙ୍ଗର ଚିତ୍ରାବିଚିତ୍ରା ଯଥା କଳା ନାଲି ମିଶା, ଗାଢ଼ ନାଲି, କଳା ଓ ସିଲଟ ରଙ୍ଗ, ସାଧାରଣତଃ ମଟର ଚୁଳ (କେତେକ ଜାଗାରେ ଏକ ଚୂଳ କିମ୍ବା ଗୋଲାପ ଚୂଳ ଦେଖିବାକୁ ମିଳେ) ଚର୍ମର ରଙ୍ଗ ନାଲି ଆଁଶିଆ, ନଳୀଗୋଡ଼ ଲମ୍ବା ଓ ମଜଭୁତ ପରହୀନ । କର୍ଣ୍ଣପାଲି ଲାଲ, ବୟସ୍କ ପେଣ୍ଡିଙ୍କର ଓଜନ - ୨-୩ କିଲୋ ଓ ଗଞ୍ଜାର ଓଜନ ୩ ରୁ ସାଢ଼େ ୩କିଲୋ ମାଂସ ସୁସ୍ୱାଦୁ । ଗୋଟିଏ ମୁଥରେ ୧୨-୧୫ ଟି ଅଣ୍ଡା ଦିଅନ୍ତି । ଏମାନେ କୁକୁଡ଼ା ଲଢ଼େଇ ଓ ମାଂସ ପାଇଁ ଆଦୃତ । ଏମାନଙ୍କର ଅଣ୍ଡା ରଙ୍ଗ ଫିକାଳିଆ ଲାଲ ।

**କଳାହାଣ୍ଡିଆ :**

ଏହି ପ୍ରଜାତିର କୁକୁଡ଼ା କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼, କୋକଶରା, ଅମ୍ପାନି ଓ ଭବାନୀପାଟଣା, ରାୟଗଡ଼ାର କାଶିପୁର ଓ ନବରଙ୍ଗପୁର ଅଞ୍ଚଳରେ ଦେଖିବାକୁ ମିଳନ୍ତି । ଏମାନଙ୍କର ଅକାର ଛୋଟ । ବୟସ୍କ ପେଣ୍ଡିର ଓଜନ ୭୦୦ ଗ୍ରାମରୁ

୮୦୦ ଗ୍ରାମ ଓ ଗଞ୍ଜାର ଓଜନ ପ୍ରାୟ ଏକକିଲୋ । ଏମାନେ ଏକ ଚୂଳିଆ, କର୍ଣ୍ଣପାଳି ଧଳା, କଳାଧଳା ଲାଲ ପ୍ରଭୃତି ରଙ୍ଗ ବେରଙ୍ଗ ପର, ନଳୀଗୋଡ଼ ଛୋଟ, ଚର୍ମର ରଙ୍ଗ ହଳଦିଆଁଶିଆ କଳା ବର୍ଣ୍ଣକଯୁକ୍ତ । ସାଧାରଣତ । ନାଳିଦେହ, ପେଟ ଏବଂ ପୁଚ୍ଛ କଳା । ଗୋଟିଏ ମୁଥରେ ଏମାନେ ୧୨-୧୮ଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଏହିପରି ବର୍ଷକୁ୪-୫ ମୁଥ ଅଣ୍ଡା ଦିଅନ୍ତି । ଅଣ୍ଡାର ଆକାର ଓ ଓଜନ ଖୁବ୍ ଛୋଟ, ପ୍ରାୟ ୨୫ ଗ୍ରାମ ଓ ସୁସ୍ୱାଦୁ । ଏମାନେ ଅଣ୍ଡା ପାଇଁ ପାଳନ କରାଯାଆନ୍ତି ।

ଫୁଲବାଣି, ମୟୁରଭଞ୍ଜ ଜିଲ୍ଲା ଏବଂ କେନ୍ଦୁଝର ଜିଲ୍ଲାରେ ମଧ୍ୟ ସ୍ୱତନ୍ତ୍ର ପ୍ରକାର ଲମ୍ବା ଓ ଓଜନଦାର କୁକୁଡ଼ା ମିଳନ୍ତି ।

**୩.ଦେହର ଗଠନ :**

କୁକୁନା ଗୋଟିଏ ଉଷ୍ମ ରକ୍ତ ବାହି ଜୀବ, ଶରୀର ପରଦ୍ୱାରା ଆଚ୍ଛାଦିତ, ନଳୀଗୋଡ଼ରେ ଏବଂ ଆଙ୍ଗୁଠିରେ କାତି ଥାଏ । ଏହାର ଶରୀର ବର୍ତ୍ତୁଳ (କମ୍ପାକ୍ଟ) ଓ କଙ୍କାଳ ହାଲୁକା ହେବା ସଂଗେ ସଂଗେ ଉତ୍ତମ ବର୍ଦ୍ଧିତ ଡେଣା ଓ ଲମ୍ବା ନଳୀ ଗୋଡ଼ ରହିଛି ।

ଏମାନଙ୍କର ଶରୀରର ବାହ୍ୟାଂଶ ଯଥା ମୁଣ୍ଡ ଉପରେ ଚୂଳ, ମୁହଁ ତଳେ ଫୁଲି, କର୍ଣ୍ଣପାଲି ବେକରେ ବେକ ପର, ଛାତି ପିଠି, ପଲ୍ୟାଣ, (ସ୍ୟାଡଲ) ଲାଞ୍ଜରେ ପଲ୍ୟାଣପର, ଜଙ୍ଘ, ନଳୀଗୋଡ଼ ଇତ୍ୟାଦି ନେଇ ଶରୀର ଗଠନ ।

ଅଧିକାଂଶ ଜାତିର କୁକୁଡ଼ାଙ୍କରପ୍ରତି ପାଦରେ ୪ଟି ଆଙ୍ଗୁଠି ଥାଏ । ତିନୋଟି ଆଙ୍ଗୁଳି ଆଗକୁ ଏବଂ ଗୋଟିଏ ପଛକୁ । ଆଙ୍ଗୁଳିଗୁଡ଼ିକର ୩-୪ ସେ.ମି. ଉପରକୁ ପଦକଣ୍ଟି (ସ୍ପର) ଥାଏ ।

କୁକୁଡ଼ାର ପର, ଚୁଳ, ଫୁଲି ଓ ଆକାର ଦେଖି କୁକୁଡ଼ାର ପ୍ରକାର ଜଣାଯାଇଥାଏ ।

କୁକୁଡ଼ାର ପରର ରଙ୍ଗ ଏବଂ ଆକାର କୁକୁଡ଼ାର ଲିଙ୍ଗ ଓ ବୟସ ନିର୍ଣ୍ଣୟରେ କେତେକାଂଶରେ ସାହାଯ୍ୟ କରିଥାଏ ।

ଗଞ୍ଜାର ବେକ ପିଠି ଓ ପୁଚ୍ଛର ପରଗୁଡ଼ିକ ଲମ୍ବା ଓ ଗୋଜିଆ । ପେଣ୍ଠିର ସେହି ସ୍ଥାନର ପରଗୁଡ଼ିକ ଛୋଟ ସ ମୁଣ୍ଡାଳିଆ ।

କୁକୁଡ଼ାର ପେଷଣା ବା କରାଟରେ ଖାଦ୍ୟ ରହେ । ତା'ପରେ ସେଠାରୁ ପେଷୀ ହୋଇ କ୍ଷୁଦ୍ରାନ୍ତକୁ ଯାଏ ।

ଯେଉଁ କୁକୁଡ଼ାର କାନ ନାଲି ରଙ୍ଗ, ସେ ଆଂଶିକ ନାଲି ଧୂସୁରିଆ ରଙ୍ଗ (ବ୍ରାଉନ୍) ଅଣ୍ଡା ଓ ଯାହାର କାନ ଧଳା ସେ ଧଳାଅଣ୍ଡା ଦିଏ ।

## ୪. କୁକୁଡ଼ା ପାଳନ ପଦ୍ଧତି

### (୧) ଡିପ୍‌ଲିଟର ପ୍ରଣାଳୀ

ତାର ଜାଲି ଘେରା ଘରର ମେଜିଆ (ଚଟାଣ)ରେ ୨-୩ ଇଞ୍ଚ ବହଳର କରତଗୁଣ୍ଡ ବା ଧାନଚଷୁ ବିଛାଇ କୁକୁଡ଼ାଙ୍କୁ ରଖାଯାଏ ।

### (୨) ପିଞ୍ଜରା ପ୍ରଣାଳୀ

ଜାଲି ପିଞ୍ଜରା ଥାକଥାକ ଥାଇ କୁକୁଡ଼ାଙ୍କୁ ରଖାଯାଏ ।

### (୩) ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପ୍ରଣାଳୀ

କୁକୁଡ଼ାମାନଙ୍କୁ ଦିନରେ ବାହାରେ ଛଡ଼ାଯାଏ । ରାତିରେ ଘର ଅଗଣାରେ ଛୋଟ ଘରଟିରେ କୁକୁଡ଼ାଙ୍କୁ ରଖାଯାଇଥାଏ । ସେମାନେ ଦିନରେ ବାହାରେ ଚରାବୁଲା କରି ପୋକଯୋଗ ଓ ଅନ୍ୟାନ୍ୟ ଖାଦ୍ୟ ଖାଇ ସଂଧ୍ୟାରେ ନିଜ ଛୋଟ ଘରକୁ ଫେରିଆସନ୍ତି । ଅନେକ ଲୋକ ସନ୍ଧ୍ୟାରେ କିଛି ଖୁଦ, ଧାନ ଓ କୁଣ୍ଡା କିମ୍ବା ମାଣ୍ଡିଆ ଚୁନା କୁକୁଡ଼ାଙ୍କୁ ଖାଇବାକୁ ଦିଅନ୍ତି ।

### ପରିପାଳନ


କୁକୁଡ଼ା ଘର, ଗୃଷାର୍ ଦୁଇଟି ପ୍ରଧାନ କାର୍ଯ୍ୟ ସମ୍ପାଦନ କରିଥାଏ । ପ୍ରଥମତଃ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କୁକୁଡ଼ାଙ୍କୁ ଘରେ ରଖି ପାଳନ କରାଯାଉଥିବାରୁ ସହଜରେ ପରିପାଳନ କରିହୁଏ । ଦ୍ୱିତୀୟତଃ ଏହା କୁକୁଡ଼ାଙ୍କ ପାଇଁ ଏପରି ଏକ ଶାରୀରିକ ପରିବେଶ ସୃଷ୍ଟି କରେ, ଯଦ୍ୱାରା ଅଣ୍ଡା ଓ ମାଂସ ଅଧିକ ଉତ୍ପାଦିତ ହୋଇଥାଏ । ସାଧାରଣ ଭାବରେ କହିବାକୁ ଗଲେ ଯେଉଁ କୁକୁଡ଼ାମାନେ ସ୍ୱାଚ୍ଛନ୍ଦ୍ୟରେ (Comfortably) ଓ ଗ୍ରପର (Stress) ବଶବର୍ତ୍ତୀ ନ ହୋଇ କୁକୁଡ଼ା ଘରେ ରହନ୍ତି, ସେମାନଙ୍କଠାରୁ ଅଧିକ ଉତ୍ପାଦନ ମିଳିଥାଏ । କୁକୁଡ଼ା ଘର ଏପରି ଭାବରେ ତିଆରି ହେବା ଉଚିତ ଯେପରି ଏଥିରେ ଅଧିକ ଉତ୍ତାପ କିମ୍ବା ଅଧିକ ଥଣ୍ଡା ଅନୁଭୂତ ହେଉ ନଥିବ, ସିଧାସଳଖ ସୂର୍ଯ୍ୟକିରଣ ପଡୁ ନ ଥିବ, ବର୍ଷା ଛାଟୁ ନଥିବ କିମ୍ବା ଟିଙ୍କ, ଉକୁଣୀ ପ୍ରଭୃତି ହେବାର ସମ୍ଭାବନା ମଧ୍ୟ ନ ଥିବ ।

## କୁକୁଡ଼ା ଘର ତିଆରି ପ୍ରଣାଳୀ :


ସଘନ କୁକୁଡ଼ା ପାଳନ କରିବାକୁ ହେଲେ କୁକୁଡ଼ାମାନଙ୍କୁ ପଞ୍ଜୁରୀରେ (Cage) ଅଲଗା ଅଲଗା ଭାବରେ ଥାକ ଥାକ କରି ରଖିଲେ ଗୋଟିଏ ଘରେ ହଜାର ହଜାର କୁକୁଡ଼ାଙ୍କୁ ରଖାଯାଇ ପାରିବ । ଏଥିରେ ସ୍ୱୟଂକ୍ରିୟ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ଥାଏ । ଅର୍ଦ୍ଧସଘନ ଡିପ୍‌ଲିଟର (Diplitter) ବ୍ୟବସ୍ଥାରେ ମଧ୍ୟ ଘର ତଳେ ୪ ରୁ ୬ ଇଞ୍ଚ ବହଳର ଲିଟର୍ ବିଛାଇ (କରତଗୁଣ୍ଡ, କଟାନଡ଼ା କିମ୍ବା ପତ୍ର) ହଜାର ହଜାର ସଂଖ୍ୟାରେ କୁକୁଡ଼ା ପାଳିହେବ । ଏଥିରେ ଖାଦ୍ୟ ଓ ପାଣି ଅର୍ଦ୍ଧ ସ୍ୱୟଂକ୍ରିୟ ପାତ୍ରରେ ଦିଆଯାଇଥାଏ । ଗାଁଗହଳିର ମହିଳାମାନେ ବ୍ୟବସାୟିକ ଭିତ୍ତିରେ ଏକହଜାର ପର୍ଯ୍ୟନ୍ତ କୁକୁଡ଼ା ପାଳିପାରିବେ । ଏହି ପ୍ରଣାଳୀରେ କୁକୁଡ଼ାଙ୍କୁ ଖାଦ୍ୟଦେବା ଓ ପାଳନ କରିବା ଅତି ସହଜ ଓ ଅଳ୍ପ ସମୟ ସାପେକ୍ଷ ।

ଅଧିକ ଉତ୍ପାଦନ ପାଇଁ ଗାଁଗହଳିର ମହିଳାମାନେ (ବେକାର ଯୁବକମାନେ ମଧ୍ୟ) ଡିପ୍‌ଲିଟର ପ୍ରଣାଳୀରେ କୁକୁଡ଼ା ପାଳନ କରିପାରିବେ ।


ଗାଁ ଗହଳିର ଲୋକମାନେ ସାଧାରଣତଃ କୁକୁଡ଼ାମାନଙ୍କୁ ପଦାରେ ଚରିବା ପାଇଁ ଛାଡ଼ି ଦେଇଥାନ୍ତି । ଏହି ପ୍ରଣାଳୀକୁ ''ଘର ଅଗଣାରେ କୁକୁଡ଼ା ପାଳନ'' ବା Backyard Poulty Rearing" ବୋଲି କୁହାଯାଇଥାଏ । ଏହି ପ୍ରଣାଳୀରେ ଦିନବେଳେ କୁକୁଡ଼ା ପଦାରେ ଚରି ନିଜର ଖାଦ୍ୟ ଅନ୍ୱେଷଣ କରିଥାନ୍ତି । ରାତିରେ କୁକୁଡ଼ାମାନଙ୍କୁ କୁକୁଡ଼ା ଭାଡ଼ିରେ ରଖାଯାଇଥାଏ କିମ୍ବା ବାଉଁଶ ତିଆରି ଟୋକେଇରେ ଢ଼ାଙ୍କି ରଖାଯାଇଥାଏ । ଏହି କୁକୁଡ଼ାମାନଙ୍କୁ ଭାତ, ଚାଉଳକୁଣ୍ଡା, ଖୁଦ କିମ୍ବା କଞ୍ଚା ପରିବା ଗୁଡ଼ିକର ଅଦରକାରୀ ଅଂଶ ପ୍ରଭୃତି ଅଧିକ କିଛି ଖାଦ୍ୟ ଖାଇବାକୁ ଦିଆଯାଇଥାଏ ।




(ଦାନା ପାତ୍ର)




(ପାଣି ପାତ୍ର)




(ଝୁଲା ଦାନା ପାତ୍ର)



(ଝୁଲା ଦାନା ପାତ୍ର)



(କୁକୁଡ଼ା ପିଞ୍ଜରା)



(ଅଣ୍ଡାଦିଆ ଘର)

**କୁକୁଡ଼ା ଘରର ଆକାର :**

କୁକୁଡ଼ା ଘରର ମୂଳ ପତନ ଉଚ୍ଚ ହେବା ଉଚିତ । ତଳ ପକ୍କା ହେବା ବାଞ୍ଛନୀୟ; ଯେପରି ପାଣି ଉପରକୁ ଉଠି ଚଟାଣକୁ ସନ୍ତସନ୍ତିଆ ନ କରେ । ଘରର ଭିତର କାନ୍ଥ ଓ ଖୁଣ୍ଟ (ଯଦି ଥାଏ) କୁ ସିମେଣ୍ଟ ଦ୍ୱାରା ପଲସ୍ତରା କରିଦେବା ଉଚିତ । ଏହାଦ୍ୱାରା ଘରକୁ ଭଲ ଭାବରେ ସଫା ଓ ବିଶୋଧନ କରାଯାଇପାରିବ । କୁକୁଡ଼ା ଘରକୁ ମୂଷାମାନେ ଯେପରି ପଶି ନ ପାରନ୍ତି, ସେଥିପାଇଁ ଘରର ପତନକୁ ଭୂମିଠାରୁ ୨.୫ ଫୁଟ ଉଚ୍ଚତାରେ କରନ୍ତୁ ଓ ଗ୍ରିପଟ ଛତା ପରି ମେଳେଇ ଦିଅନ୍ତୁ ।

କୁକୁଡ଼ା ଘରର ପ୍ରବେଶ କରିବାର ପାହାଚକୁ ମଧ୍ୟ ଘରଠାରୁ ୨ଫୁଟ ଦୂରରେ କରନ୍ତୁ । କୁକୁଡ଼ା ଘରେ ଅନ୍ୟ ବାହାର କୁକୁଡ଼ା ବା ପକ୍ଷୀଙ୍କ ପ୍ରବେଶ ବନ୍ଦ କରିବା ପାଇଁ ଘର ଗ୍ରିପାଖରେ ତାର ଜାଲି ଦିଅନ୍ତୁ । ଘରକୁ ରୌଦ୍ରତାପରୁ ରକ୍ଷା କରିବା ପାଇଁ ଘରର ଏଜ୍‌ବେଷ୍ଟସ୍ ଛାତ (ଯଦି ଥାଏ) ଉପରେ ଖରାଦିନେ ନଡ଼ା ବିଛାଇ ଦିଅନ୍ତୁ ଓ ତାହାକୁ ସର୍ବଦା ଓଦା ରଖନ୍ତୁ । କୁକୁଡ଼ା ଘର ଗ୍ରିପାଖରେ ବୃକ୍ଷ ଲଗାଇଲେ ଆଉ ଗରମ ହେବ ନାହିଁ ।

**କୁକୁଡ଼ାଙ୍କ ପାଇଁ ଗୋଟିଏ ଶସ୍ତା ଓ ସକ୍ରିୟ ପାଣିଦେବା ବ୍ୟବସ୍ଥା :**

କ) ଗୋଟିଏ ସାଧାରଣ ମାଟି କଳସୀର ମୁହଁରୁ ୨ ଇଞ୍ଚ ତଳକୁ ଦୁଇଟି ଛୋଟ କଣା କରନ୍ତୁ ।

ଖ) ଗୋଟିଏ ୩ ଇଞ୍ଚ ଫେନ୍ଦଥିବା ମାଟିପାତ୍ର (ବେଲା), ଯାହାର ମୁହଁ କଳସୀର ମୁହଁଠାରୁ ମାତ୍ର ୧ ଇଞ୍ଚ ଅଧିକ ଓସାର ହୋଇଥିବ, ତାହାକୁ ନିଅନ୍ତୁ ।

ଗ) ଏହି କଳସୀରେ ପାଣି ପୂର୍ଣ୍ଣ କରି ଓ ଓଲଟାଇ ବେଲା ମଧ୍ୟରେ ରଖନ୍ତୁ ।

ଘ) କଳସୀର ରନ୍ଧ୍ର ମଧ୍ୟ ଦେଇ ପାଣି ବେଲାକୁ ଆସିବ ଓ ରନ୍ଧ୍ର ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ରହିବ । କୁକୁଡ଼ାମାନେ ବେଲାରୁ ପାଣି ପିଇଲେ ଆସ୍ତେ ଆସ୍ତେ କଳସୀରୁ ରନ୍ଧ୍ର ଦେଇ ପାଣି ବାହାରକୁ ଆସିବ ଓ ବେଲାର ପାଣି କଳସୀର ରନ୍ଧ୍ର ସହ ସମାନ ସ୍ତରରେ ରହୁଥିବ ।

ଏହି ପନ୍ଥାରେ କୁକୁଡ଼ାମାନଙ୍କୁ ପାଣି ଦେଲେ, ସେମାନେ ପାଣି ନଷ୍ଟ କରିପାରିବେ ନାହିଁ କିମ୍ବା ସେଥିରେ ମଳତ୍ୟାଗ କରିପାରିବେ ନାହିଁ । ମାଟି ପାତ୍ରରେ ପାଣି ରହୁଥିବାରୁ ସବୁବେଳେ ଥଣ୍ଡା ରହିବ ଓ ଏହା ଆମ ରାଜ୍ୟର ଉଷ୍ମ ଜଳବାୟୁ ପାଇଁ ଭଲ । ଏହା ଛଡ଼ା କୁକୁଡ଼ାମାନଙ୍କ ପାଇଁ ପାଣିପାତ୍ର କିଣିବାକୁ ମିଳୁଛି ।

**ଖାଦ୍ୟପାତ୍ର :** କୁକୁଡ଼ା ଘରେ ଯଥେଷ୍ଟ ସଂଖ୍ୟକ ଖାଦ୍ୟପାତ୍ର ରଖନ୍ତୁ । ପ୍ରତ୍ୟେକ ଖାଦ୍ୟ ପାତ୍ରର ଦୂରତା ୩-୪ ଫୁଟ ହେବା ଉଚିତ । ସାଧାରଣ ଖାଦ୍ୟପାତ୍ରରେ ଦିନକୁ ୩ରୁ ୪ଥର

ଖାଦ୍ୟ ପୂରଣ କରିବାକୁ ପଡ଼ିଥାଏ । ମାତ୍ର ଝୁଲନ୍ତା ଖାଦ୍ୟପାତ୍ର (Hanging Feeder) ଗୁଡ଼ିକରେ ଖାଦ୍ୟ ଦେବା ସୁବିଧାଜନକ । ବଡ଼ ବଡ଼ କୁକୁଡ଼ାଫାର୍ମ ଗୁଡ଼ିକରେ "କ୍ରମାଗତ ଖାଦ୍ୟପ୍ରଣାଳୀ" ବା Chain Feeding System ଅନୁସୃତ ହୋଇଥାଏ । ବିଭିନ୍ନ ପ୍ରକାରର ଖାଦ୍ୟପାତ୍ର କିଣିବାକୁ ମିଳିଥାଏ । ଏହା କିଣି ବ୍ୟବହାର କରନ୍ତୁ ।

### ପିଇବା ପାଣି ଯୋଗାଣ :

କୁକୁଡ଼ାମାନଙ୍କୁ ଯଥେଷ୍ଟ ପରିମାଣରେ ନିର୍ମଳ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ପାଣି ପାତ୍ରଗୁଡ଼ିକୁ ପ୍ରତିଦିନ ସକାଳେ ପରିଷ୍କାର କରି ସେଥିରେ ପାଣି ଭର୍ତ୍ତି କରନ୍ତୁ । ଛୋଟ ଫାର୍ମ ପାଇଁ ମାଟି କଳସୀ ଓ ବେଲା ସବୁଠୁଁ ଭଲ । ଯଦି ଟ୍ୟୁବୱେଲ ପାଣି ବ୍ୟବହାର କରାଯାଉଥାଏ, ତେବେ ସେଥିରେ ଜୀବାଣୁ ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ; ଯଥା ନାଇଟ୍ରେଟ୍ କିମ୍ବା ଫସ୍‌ଫେଟ୍ ଅଛି କି ନାହିଁ, ତାହା ମଝିରେ ମଝିରେ ପରୀକ୍ଷା କରାଇ ନିଅନ୍ତୁ । ଟ୍ୟୁବୱେଲରେ କ୍ଲୋରିନ୍ ପ୍ରଭୃତି ପକାଇଲେ ଏଥିରେ ପାଣି ଜୀବାଣୁମୁକ୍ତ ରହେ । ବଡ଼ ବଡ଼ କୁକୁଡ଼ା ଫାର୍ମରେ ପାଣି ପାତ୍ର ବ୍ୟବହାର କରାଯାଇପାରେ । ଯଦି କୁକୁଡ଼ାମାନଙ୍କୁ ଘର ଉପରେ ଥିବା ପାଣିଟାଙ୍କିରୁ (Overhead tank) ପାଣି ଯୋଗାଇ ଦିଆଯାଇଥାଏ, ତେବେ ଟାଙ୍କିରୁ ଶିଉଳି ଜୀବାଣୁ ପ୍ରଭୃତି ଦୂର କରିବାପାଇଁ ଅନ୍ତତଃ ମାସରେ ଥରେ ଲେଖାଏଁ କୁଣ୍ଡଟିକୁ ସଫା କରିଦିଅନ୍ତୁ । ପାଣି ଟାଙ୍କିରେ ବାହାର ଜିନିଷ ଯେପରି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ଓ ତାହାକୁ ଭଲ ଭାବରେ ଢାଙ୍କି ରଖନ୍ତୁ ।

### ଫାର୍ମରେ ସାଧାରଣ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା

କୁକୁଡ଼ା ଘରର ପ୍ରବେଶ ପଥରେ ପାଦ ପକାଇ ଯିବାପାଇଁ ଗୋଟିଏ ଶୁଷ୍କ କିମ୍ବା ଆର୍ଦ୍ର ଖାଲୁଆ ସ୍ଥାନ ଥାଏ । ଯଦି ନଥାଏ ଏପରି ଗୋଟିଏ ସ୍ଥାନ ତିଆରି କରନ୍ତୁ । ଏହି ସ୍ଥାନରେ ଶୁଖିଲା ଚୂନ ପକାନ୍ତୁ କିମ୍ବା ୫ ପ୍ରତିଶତ କାରବୋଲିକ୍ ଏସିଡ୍ (Carbolic Acid) କିମ୍ବା ଫିନାଇଲ୍ ପାଣି ଭର୍ତ୍ତି କରି ରଖନ୍ତୁ । କୁକୁଡ଼ା ଘର ଭିତରେ ପଡ଼ିଥିବା ଲିଟରକୁ ପ୍ରତି ସପ୍ତାହରେ ଅନ୍ତତଃ ୨-୩ ଥର ଓଲଟା ପାଲଟା କରି ଦିଅନ୍ତୁ । ଏପରି କରିବା ଦ୍ୱାରା କୁକୁଡ଼ାମାନେ ଯେପରି ବିଶେଷ ଅସ୍ତ ବ୍ୟସ୍ତ ବା ବିବ୍ରତ ନ ହୁଅନ୍ତି, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ । ବ୍ୟାବସାୟିକ ଭିତ୍ତିରେ ପ୍ରତିଷ୍ଠିତ କୁକୁଡ଼ା ଘରେ ଯଥେଷ୍ଟ ସଂଖ୍ୟକ ଅଣ୍ଡାଦିଆ ବାକ୍ସ ଦିଅନ୍ତୁ । କାରଣ କୁକୁଡ଼ାମାନେ ଅଣ୍ଡାକୁ ଖାଇ ଦେବାର କିମ୍ବା ଲିଟରରେ ଘୋଡ଼ାଇ ଦେବାର ସମ୍ଭାବନା ଥାଏ । ଏହାଦ୍ୱାରା କୁକୁଡ଼ାପାଳନ ମାନଙ୍କର ଆର୍ଥିକ କ୍ଷତି ଘଟେ । କୁକୁଡ଼ାଘରର ଭିତରପଟ କାନ୍ଥକୁ ପ୍ରତି ୧୫ ଦିନରେ ଥରେ ଲେଖାଏଁ କୀଟନାଶ ଔଷଧ ଦ୍ୱାରା ସିଞ୍ଚନ କରି ଦିଅନ୍ତୁ; ଯଦ୍ଦ୍ୱାରା ଟିଙ୍କ କିମ୍ବା ଉକୁଣୀ ଥିଲେ ମରିଯିବେ ।

କୁକୁଡ଼ାମାନଙ୍କୁ କୁକୁଡ଼ାଘରେ ରଖିବା ପୂର୍ବରୁ ଘରକୁ ବିଶୋଧକ ଦ୍ରବ୍ୟ ଦ୍ୱାରା ଓ କୀଟନାଶକ ଔଷଧ ଦ୍ୱାରା ଧୋଇ ଦିଅନ୍ତୁ । ଘରର କାନ୍ଥ ଗୁଡ଼ିକୁ ଚୂନ ଧଉଳା କରନ୍ତୁ । ତାପରେ କୁକୁଡ଼ା ଘରେ ଚଟାଣରେ କରତଗୁଣ୍ଡ, କୁଣ୍ଡା, ଚିନାବାଦାମ ଖୋପା, ପତ୍ର କିମ୍ବା କଟା ନଡ଼ା ୪ ରୁ ୬ ଇଞ୍ଚ ବହଳରେ ଲିଟର ଭାବରେ ବିଛାଇ ଦିଅନ୍ତୁ ।

## ଆଲୋକ ଓ ବାୟୁ ଚଳାଚଳ ବ୍ୟବସ୍ଥା

କୁକୁଡ଼ା ଘରେ ଭଲ ଭାବରେ ଆଲୋକ ଓ ବାୟୁ ଚଳାଚଳର ବ୍ୟବସ୍ଥା ଥିବା ଦରକାର । ଖରାଦିନେ କୁକୁଡ଼ାମାନେ ଯେପରି ଠିକ୍ ଭାବରେ ଖାଦ୍ୟ ଖାଇପାରିବେ, ସେଥିପାଇଁ ରାତିରେ କୁକୁଡ଼ା ଘରେ ଆଲୋକର ବ୍ୟବସ୍ଥା କରନ୍ତୁ । ରାତିରେ ଆଲୋକର ବ୍ୟବସ୍ଥା ଥିଲେ, ଉଭୟ ଖରା ଓ ଶୀତଦିନେ କୁକୁଡ଼ାମାନେ ଅଧିକ ଅଣ୍ଡା ଦେଇଥାନ୍ତି । କୁକୁଡ଼ା ଘରେ ଯେପରି ସିଧାସଳଖ ସୂର୍ଯ୍ୟକିରଣ ନ ପଡ଼େ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । କାରଣ ଏହାଦ୍ୱାରା କୁକୁଡ଼ାମାନଙ୍କୁ ରୌଦ୍ରତାପ (Heat Stress) ରୋଗ ହୋଇପାରେ ।

## କୁକୁଡ଼ା ଘରେ କେଉଁ ପ୍ରକାର କୁକୁଡ଼ା ରଖିବେ ?

ଗୋଟିଏ ଦିନରେ ଫୁଟିଥିବା କୁକୁଡ଼ା ଚିଆଁମାନଙ୍କୁ ଗୋଟିଏ ଘରେ ରଖନ୍ତୁ । ବିଭିନ୍ନ ବୟସର କୁକୁଡ଼ା ଚିଆଁମାନଙ୍କୁ ଗୋଟିଏ ଘରେ ରଖନ୍ତୁ ନାହିଁ । ଏହା ଦ୍ୱାରା ଛୋଟ ଚିଆଁଗୁଡ଼ିକର ବୃଦ୍ଧିରେ ବ୍ୟାଘାତ ଘଟିଥାଏ । କୁକୁଡ଼ା ପାଳିବାର ପ୍ରବାଦ ହେଲା - ''ସବୁ ଭିତରେ ଓ ସବୁ ବାହାରେ ।'' (All in & all out) । ଅର୍ଥାତ୍ ନୂଆ କୁକୁଡ଼ା ମାନଙ୍କୁ ଆଣିବା ପୂର୍ବରୁ ପୁରୁଣା କୁକୁଡ଼ାମାନଙ୍କୁ ବିକ୍ରି କରିଦିଅନ୍ତୁ । ନୂଆ କୁକୁଡ଼ା ଚିଆଁ ଆଣିବା ପୂର୍ବରୁ କୁକୁଡ଼ା ଘରଗୁଡ଼ିକୁ ପରିଷ୍କାର କରି ବିଶୋଧକ କୀଟନାଶକ ଔଷଧ ଦ୍ୱାରା ସ୍ପ୍ରେ (Spray) କରି ଦିଅନ୍ତୁ ଏବଂ ଘର ବାହାରେ ଅଖା ପ୍ରଭୃତି ବାନ୍ଧି ଭିତରେ ଫରମାଲିନ୍ ଗ୍ୟାସ ଦ୍ୱାରା କୁକୁଡ଼ାଘରକୁ ବିଶୋଧନ କରନ୍ତୁ । ଇଟନ୍ ବରନ୍‌ର (Etna Burner) ସାହାଯ୍ୟରେ ତାରଜାଲି ଓ ପୋଡ଼ାସ୍ଥାନ ପ୍ରଭୃତିରେ ଥିବା ଟିଙ୍କ ଓ ଉକୁଣୀ ବଂଶକୁ ସମୂଳେ ବିନାଶ କରନ୍ତୁ । କୁକୁଡ଼ାଘରର ତଳିରେ ନୂଆ ଲିଟର ବିଛାନ୍ତୁ । ଘର ଭିତରେ ଥିବା ସମସ୍ତ ଉପକରଣଙ୍କୁ ମଧ୍ୟ ଭଲ ଭାବରେ ସଫା କରି ବିଶୋଧନ କରିବା ଉଚିତ । ପୁଣି ଥରେ ଘରେ କୁକୁଡ଼ା ରଖିବା ପୂର୍ବରୁ ଘରଟିକୁ ଅନ୍ତତଃ ୪ ରୁ ୬ ସପ୍ତାହ ପର୍ଯ୍ୟନ୍ତ ଖାଲି ରଖନ୍ତୁ ।

## ବ୍ରୁଡରରେ ସାଇତା ପ୍ରଣାଳୀ

କୁକୁଡ଼ା ଚିଆଁଙ୍କ ଜୀବନର ପ୍ରଥମ ସପ୍ତାହରେ ସେମାନଙ୍କୁ ଉଷୁମ ରଖିବା ପ୍ରଣାଳୀକୁ ବ୍ରୁଡିଙ୍ଗ ବା ଉଷୁମେଇବା (Brooding) କୁହାଯାଏ । କାରଣ ସେତେବେଳେ ସେମାନଙ୍କ ପର ଭଲ ଭାବରେ ଉଠି ନଥିବାରୁ, ସେମାନେ ଶୀତ ସହିପାରନ୍ତି ନାହିଁ । ତେଣୁ ନୂଆ ଚିଆଁ ଆଣିବା ପୂର୍ବରୁ ନିମ୍ନଲିଖିତ ପ୍ରସ୍ତୁତି ଶେଷ କରନ୍ତୁ —

୧) ବୁଡର ବାକ୍ସଗୁଡ଼ିକୁ ଭଲ ଭାବରେ ସଫା କରନ୍ତୁ । ଘରର ଲିଟର, ଧୂଳି, ବୁଢ଼ୀଆଣି ଜାଲ ଓ ଅଳନ୍ଧୁ ପ୍ରଭୃତି ବାହାର କରି ବୁଡର ବାକ୍ସଗୁଡ଼ିକୁ ବିଶୋଧନ କରନ୍ତୁ ।

୨) ଘରର କାନ୍ଥ, ଚଟାଣ ଓ ଛାତ ଏବଂ ଅନ୍ୟାନ୍ୟ ଆସବାବପତ୍ରଗୁଡ଼ିକୁ ଭଲ ଭାବରେ ଧୋଇ ଦିଅନ୍ତୁ ଓ ବିଶୋଧନ କରନ୍ତୁ ।

୩) ବିଶୋଧନ କରିବା ପୂର୍ବରୁ ଓ ପରେ ନା ଓ ଅନ୍ୟାନ୍ୟ ପାଣି ଯାଉଥିବା ସ୍ଥାନଗୁଡ଼ିକୁ ଭଲ ଭାବରେ ସଫା କରନ୍ତୁ ।

୪) କୁକୁଡ଼ା ଚିଆଁ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ବୁଡରର ଉତ୍ତାପକୁ ଠିକ୍ ଭାବରେ ରଖନ୍ତୁ । ଏଥିପାଇଁ ବୁଡର ଭିତରେ ଆବଶ୍ୟକ ପରିମାଣ ବିଦ୍ୟୁତ ବଲ୍‌ବ ଦିଅନ୍ତୁ ।

୫) ସବୁ ଯନ୍ତ୍ରପାତିକୁ ପରୀକ୍ଷା କରି ଯଥା ସ୍ଥାନରେ ରଖନ୍ତୁ ।

୬) ଘର ଉତ୍ତାପରେ ଖାଦ୍ୟପାତ୍ର ଓ ପାଣି କୁଣ୍ଡ ସାଇତି ରଖନ୍ତୁ ।

୭) ଆଉ ଥରେ ସବୁ ପ୍ରସ୍ତୁତିଗୁଡ଼ିକୁ ପରୀକ୍ଷା କରି ଦେଖନ୍ତୁ ।

୮) ବ୍ୟବହାର ୫ ଦିନ ପୂର୍ବରୁ ଯନ୍ତ୍ରପାତିଗୁଡ଼ିକୁ ଫିନାଇଲ୍‌ରେ ଧୋଇ ଓ ପଟାସ୍ ପାରମାଙ୍ଗାନେଟ୍ ମିଶ୍ରଣରେ ପୋଛି, ଖରାରେ ଶୁଖାଇ ରଖନ୍ତୁ ।

୯) ୧୦ ଶତକଡ଼ା ଫରମାଲିନ୍‌ରେ ଚଟାଣ ଓ ଛାତକୁ ସ୍ପ୍ରେ କରନ୍ତୁ । (୪୫୦ ଗ୍ରାମ୍‌ର ଗୋଟିଏ ଫରମାଲିନ୍ ବୋତଲକୁ ୧୨ ଲିଟର ପାଣିରେ ମିଶାନ୍ତୁ) ଏବଂ ଏହାପରେ ବୁଡର ଘରକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରିଦିଅନ୍ତୁ ।

୧୦) ଲିଟର ଭାବରେ ବ୍ୟବହୃତ ହେଉଥିବା କରତଗୁଣ୍ଡ ଗୁଡ଼ିକ ଶୁଖିଲା, ସଫା ହୋଇଥିବା ଉଚିତ ଓ ସେଥିରେ ଯେପରି କାଚଖଣ୍ଡ ନ ଥିବ ।

## ବର୍ଦ୍ଧିଷ୍ଣୁ କୁକୁଡ଼ାଙ୍କ ପରିପାଳନ

୧) ଠିକ୍ ଭାବରେ ସ୍ୱାସ୍ଥ୍ୟରକ୍ଷା ପ୍ରଣାଳୀ ଯଥା - ସଫାସୁତୁରା, ବିଶୋଧନ, ଟିକା, ଉକୁଣୀ ବିନାଶ ପ୍ରଭୃତି କାର୍ଯ୍ୟକ୍ରମ ଅନୁସରଣ କରନ୍ତୁ ।

୨) କୁକୁଡ଼ା ଚିଆଁମାନେ ୧୦ ରୁ ୧୨ ସପ୍ତାହର ହୋଇଗଲେ ସେମାନଙ୍କୁ ବର୍ଦ୍ଧିଷ୍ଣୁ କୁକୁଡ଼ା ଘରକୁ କିମ୍ବା ଅଣ୍ଡା ଦିଆ କୁକୁଡ଼ା ଘରକୁ ସ୍ଥାନାନ୍ତରିତ କରନ୍ତୁ ।

୩) କୁକୁଡ଼ା ଘରେ ବାୟୁ ଏପଟରୁ ସେପଟକୁ ଚଳାଚଳ କରିପାରୁଥିବାର (Cross Ventilation) ବ୍ୟବସ୍ଥା ଥିବା ଦରକାର ।

୪) ଚିଆଁ ଦାନାରୁ ଆସ୍ତେ ଆସ୍ତେ ବର୍ଦ୍ଧିଷ୍ଣୁ ଦାନାକୁ ପରିବର୍ତ୍ତନ କରନ୍ତୁ ଓ ପ୍ରତି କୁକୁଡ଼ାଙ୍କ ପାଇଁ ୨ ଇଞ୍ଚ ଖାଦ୍ୟସ୍ଥାନ ଓ ୩/୪ ଇଞ୍ଚ ପାଣି ସ୍ଥାନ ରଖନ୍ତୁ ।

୫) ଖାଦ୍ୟପାତ୍ର ଓ ଜଳପାତ୍ରକୁ ଏପରି ଭାବରେ ରଖନ୍ତୁ ଯେପରି ଖାଦ୍ୟ ନଷ୍ଟ ନ ହୁଏ କିମ୍ବା ପାଣି ବାହାରକୁ ଅଜାଡ଼ି ବା ଛିଟିକି ନ ପଡ଼େ ।

୬) ଠିକ୍ ସମୟରେ ପ୍ରତିଷେଧକ ଟିକା ଦିଅନ୍ତୁ ଓ ଉପର ଥଣ୍ଟକୁ ଅଳ୍ପ କାଟି ଦିଅନ୍ତୁ ।

୭) ପ୍ରତି ସପ୍ତାହରେ ଅନ୍ତତଃ ଥରେ ଲେଖାଏଁ କୁକୁଡ଼ାଙ୍କ ଓଜନ ନିଅନ୍ତୁ ଓ ଯେପରି ୮୦ ପ୍ରତିଶତ କୁକୁଡ଼ା ଏକ ନିର୍ଦ୍ଦିଷ୍ଟ ଓଜନ ମଧ୍ୟରେ ଥିବେ, ସେଥିପ୍ରତି ନିଶ୍ଚିତ ହୁଅନ୍ତୁ ।

୮) ଓଜନରେ କମ୍‌ଥିବା କୁକୁଡ଼ା ବା ଭଲ ବଢୁ ନଥିବା କୁକୁଡ଼ାମାନଙ୍କୁ ଅଲଗା କରି ଭଲ ଭାବରେ ଖାଇବାକୁ ଦିଅନ୍ତୁ ।

**ଅଣ୍ଡାଦିଆ କୁକୁଡ଼ାଙ୍କ ପରିପାଳନ**

ଅଣ୍ଡା ଦେଉଥିବା ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ —

୧) ଋତୁ ଓ କୁକୁଡ଼ାଙ୍କ ବୟସ ଅନୁସାରେ କୁକୁଡ଼ା ଦାନା ପ୍ରସ୍ତୁତ କରନ୍ତୁ ।

୨) ଆଲୋକ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ ଅନୁସାରେ କୁକୁଡ଼ା ଘରେ ଆଲୋକର ବ୍ୟବସ୍ଥା କରନ୍ତୁ ।

୩) କୁକୁଡ଼ା ଘରେ ଯଥେଷ୍ଟ ବାୟୁ ଚଳାଚଳର ବ୍ୟବସ୍ଥା ରହିଥିବା ଦରକାର । ବାୟୁ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବା ଭଳି ବ୍ୟବସ୍ଥା ରହିବା ଅନୁଚିତ ।

୪) ଗ୍ରୀଷ୍ମ ଓ ଶୀତକାଳରେ କୁକୁଡ଼ାମାନେ ଯେପରି ସୁବିଧାରେ ରହିପାରିବେ, ତାର ବ୍ୟବସ୍ଥା କରନ୍ତୁ । ଗ୍ରୀଷ୍ମ କାଳରେ ଜାଲିରେ ଅଖା ବାନ୍ଧି ସେଥିରେ ପାଣି ସିଞ୍ଚି ଘରକୁ ଥଣ୍ଡା ରଖନ୍ତୁ ।

୫) ଡିପ୍‌ଲିଟର ପ୍ରଣାଳୀରେ କୁକୁଡ଼ା ରହୁଥିବା ଘରୁ ଦିନରେ ଅନ୍ତତଃ ୪/୫ ଥର ଅଣ୍ଡା ସଂଗ୍ରହ କରନ୍ତୁ ।

୬) ମୂଷା, ଟିଙ୍କ, ଉକୁଣୀ, ମାଛି ଓ ବନ୍ୟଜନ୍ତୁ ଯେପରି କୁକୁଡ଼ା ଘରେ ପ୍ରବେଶ ନ କରନ୍ତି, ତାର ବ୍ୟବସ୍ଥା କରନ୍ତୁ ।

୭) ମୃତ କୁକୁଡ଼ାମାନଙ୍କୁ ବାହାର କରିଦିଅନ୍ତୁ, ପୋଡ଼ି ଦିଅନ୍ତୁ କିମ୍ବା ପୋତି ଦିଅନ୍ତୁ ।

୮) ଖାଦ୍ୟ ଗୋଦାମକୁ ସଫା କରନ୍ତୁ ଓ ଖାଦ୍ୟ ଯେପରି ଓଦା ନ ହୁଏ ବା ଖାଦ୍ୟରେ ଯେପରି ଫିମ୍ପି ନ ମାରେ ସେଥିପ୍ରତି ନଜର ରଖନ୍ତୁ । ବିଷ ଓ ପୋକମରା ଔଷଧ ଗୁଡ଼ିକୁ ଖାଦ୍ୟ ଗୋଦାମଠାରୁ ଦୂରରେ ରଖନ୍ତୁ ।

୯) କୁକୁଡ଼ାମାନେ ପ୍ରତିଦିନ ଖାଉଥିବା ଖାଦ୍ୟ, ମୃତ କୁକୁଡ଼ା ଓ ଅଣ୍ଡା ଉତ୍ପାଦନର ହିସାବ ରଖନ୍ତୁ ।

ମନେରଖନ୍ତୁ - କୁକୁଡ଼ା ଫାର୍ମର କୌଣସି ହିସାବ ନ ରଖିଲେ ଏହା ଏକ ଅବ୍ୟବସ୍ଥିତ ଫାର୍ମ ହୋଇଯିବ ।

୧୦) ମଝିରେ ମଝିରେ ଅଣଉତ୍ପାଦନକ୍ଷମ କୁକୁଡ଼ାଗୁଡ଼ିକୁ ବାହାର କରି ବିକ୍ରି କରି ଦିଅନ୍ତୁ ।

୧୧) କୁକୁଡ଼ାମାନଙ୍କୁ ଆବଶ୍ୟକତାଠାରୁ କମ୍ ପରିମାଣ ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ ।

୧୨) କୁକୁଡ଼ାଙ୍କ ଖାଦ୍ୟରେ ଯେପରି ଆଫ୍ଲାଟକ୍ସିନ୍ (ଏକ ପ୍ରକାର ବିଷାକ୍ତ) ଫିମ୍ପି ନ ହୁଏ, ସେଥିପାଇଁ ମଝିରେ ମଝିରେ କୁକୁଡ଼ା ଖାଦ୍ୟକୁ ପରୀକ୍ଷା କରାନ୍ତୁ ।

୧୩) ପରିଦର୍ଶକମାନଙ୍କୁ ଚୁଡର, ବର୍ଦ୍ଧିଷ୍ଣୁ କୁକୁଡ଼ାଙ୍କ ଘର ଓ ଅଣ୍ଡାଦିଆ କୁକୁଡାଙ୍କ ଘରଠାରୁ ଦୂରରେ ରଖି ଦେଖାନ୍ତୁ । ପ୍ରବେଶ ପଥରେ ଥିବା ଖାଲ ଜାଗାରେ ଫିନାଇଲ୍ ମିଶା ପାଣି ସବୁବେଳେ ମହଜୁଦ ରଖନ୍ତୁ ।

୧୪) କୌଣସି ଉପଦେଶ ବା ସାହାଯ୍ୟ ପାଇଁ ପଶୁପାଳନ ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

## ଡିପ୍‌ଲିଟର କୁକୁଡ଼ା ଘର

**ଡିପ୍‌ଲିଟର କୁକୁଡ଼ାଙ୍କ ଘରେ କୁକୁଡ଼ାଙ୍କ ପାଇଁ ଚଟାଣ ସ୍ଥାନର ହିସାବ :**

| ବୟସ (ସପ୍ତାହରେ) | ଚଟାଣ ସ୍ଥାନ (ବର୍ଗଫୁଟରେ) | ଖାଦ୍ୟ ସ୍ଥାନ (ଇଞ୍ଚରେ) | ପାଣି ସ୍ଥାନ (ଇଞ୍ଚରେ) |
|---|---|---|---|
| ୦-୪ | ୧/୨ | ୧ | ୧/୪ |
| ୪-୮ | ୧ | ୨ | ୧/୨ |
| ୮-୧୨ | ୧୧/୨ | ୩ | ୩/୪ |
| ୧୨ ଓ ତଦୁର୍ଦ୍ଧ୍ୱ | ୨ | — | ୧ |

## ଆଲୋକ ବ୍ୟବସ୍ଥା

ଆଲୋକ ବ୍ୟବସ୍ଥାରେ ଦୁଇଟି ମୂଳ ନିୟମ ପାଳନ କରିବାକୁ ପଡ଼ିବ ।

୧) ବର୍ଦ୍ଧିଷ୍ଣୁ କୁକୁଡ଼ାଙ୍କର ଦିନ ସମୟ ବଢ଼ାନ୍ତୁ ନାହିଁ ।

୨) ଅଣ୍ଡାଦିଆ କୁକୁଡ଼ାଙ୍କର ଦିନ ସମୟ କମାନ୍ତୁ ନାହିଁ ।

**ଆଲୋକର ବ୍ୟବସ୍ଥା ପ୍ରଣାଳୀ :**

୧) କୁକୁଡ଼ା ଚିଆଁ - (୦-୮ ସପ୍ତାହ) - ବ୍ରୁଡରରେ ରହିବା ସମୟତକ ବରାବର ଆଲୋକ ଜଳିବାର ବ୍ୟବସ୍ଥା କରନ୍ତୁ । କୁକୁଡ଼ା ଚିଆଁ ପହଞ୍ଚିବା ପୂର୍ବରୁ ବ୍ରୁଡରର ଉତ୍ତାପକୁ ୯୫ ଡିଗ୍ରୀ ଫାରେନ୍‌ହିଟ୍‌ରେ ରଖନ୍ତୁ ।

୨) ବର୍ଦ୍ଧିଷ୍ଣୁ କୁକୁଡ଼ା - (୮ ରୁ ୨୦ ସପ୍ତାହ) - ଏହି କୁକୁଡ଼ାମାନଙ୍କୁ କେବଳ ପ୍ରାକୃତିକ ଆଲୋକରେ ପାଳନ କରନ୍ତୁ । ସେମାନଙ୍କ ପାଇଁ କୌଣସି କୃତ୍ରିମ ଆଲୋକର ବ୍ୟବସ୍ଥା କରନ୍ତୁ ନାହିଁ ।

୩) ଅଣ୍ଡାଦିଆ କୁକୁଡ଼ା - (୧) ସମସ୍ତ ଆଲୋକ ନିର୍ଘଣ୍ଟ ସକାଳେ ଓ ସନ୍ଧ୍ୟାରେ ବ୍ୟବସ୍ଥା କରନ୍ତୁ ।

(୨) ୨୦ ସପ୍ତାହ ଓ ତା ପର ବୟସର କୁକୁଡ଼ାମାନଙ୍କ ପାଇଁ ୧୨ ଘଣ୍ଟା ଆଲୋକର ବ୍ୟବସ୍ଥା କରନ୍ତୁ । ପ୍ରାକୃତିକ ଆଲୋକ ୧୨ ଘଣ୍ଟାରୁ କମ୍ ସମୟ ରହୁଥିବାରୁ, କୃତ୍ରିମ ଆଲୁଅର ବ୍ୟବସ୍ଥା କରି ଏହା ପୂରଣ କରନ୍ତୁ ।

(୩) ପ୍ରତି ସପ୍ତାହରେ ଅଧ ଘଣ୍ଟାଏ ଲେଖାଏଁ ଆଲୁଅ ଦେବା ସମୟ ବଢ଼ାଇ, ୨୪ ସପ୍ତାହ ବେଳକୁ ୧୪ ଘଣ୍ଟା ପର୍ଯ୍ୟନ୍ତ, ୨୬ ସପ୍ତାହ ବେଳକୁ ୧୫ ଘଣ୍ଟା ପର୍ଯ୍ୟନ୍ତ ଓ ୨୮ ସପ୍ତାହ ବେଳକୁ ୧୬ ଘଣ୍ଟା ପର୍ଯ୍ୟନ୍ତ ଆଲୁଅର ବ୍ୟବସ୍ଥା କରନ୍ତୁ । ମାତ୍ର ଏହି ବ୍ୟବସ୍ଥା ଯେପରି ୧୭ ଘଣ୍ଟାକୁ ଅଧିକ ନ ହୁଏ, ସେଥିପ୍ରତି ସଜାଗ ରୁହନ୍ତୁ ।

(୪) ଯଦି ଆଲୁଅର ହଠାତ୍ ପରିବର୍ତ୍ତନ ହୁଏ ବା ଆଲୁଅ ବନ୍ଦ ହୋଇଯାଏ, ତେବେ ଅଣ୍ଡା ଦେବା ମଧ୍ୟ କମିଯିବ ।

(୫) ବିଦ୍ୟୁତ୍ ବଲ୍‌ବଗୁଡ଼ିକୁ ଓ ପ୍ରତିଫଳିତ ଉପକରଣକୁ (Reflectors) ସଫାସୁତୁରା ରଖନ୍ତୁ ଓ ଖରାପ ଥିଲେ ବଦଳାଇ ଦିଅନ୍ତୁ ।

(୬) ପାଣିପାତ୍ର ଓ ଖାଦ୍ୟପାତ୍ର ଉପରେ ସିଧାସଳଖି ଆଲୋକ ନ ପକାଇ ଆଲୋକ ପ୍ରତିଫଳନ କରାନ୍ତୁ ।

(୭) ଡିପ୍‌ଲିଟର କୁକୁଡ଼ା ଘରେ ୩.୫ ବର୍ଗଫୁଟ ପାଇଁ ୧ୱାଟ୍ ହିସାବରେ ଆଲୋକ ଦିଅନ୍ତୁ । ତେଣୁ ୪୦ ୱାଟ୍ ବଲ୍‌ବ ୧୨୦ ବର୍ଗଫୁଟ ସ୍ଥାନ ପାଇଁ ଯଥେଷ୍ଟ ।

**ମାଂସାଳ କୁକୁଡ଼ା** - ସାରା ରାତି କୃତ୍ରିମ ଆଲୋକର ବ୍ୟବସ୍ଥା କରନ୍ତୁ । ୧୦୦ ବର୍ଗଫୁଟ ସ୍ଥାନ ପାଇଁ ଗୋଟିଏ ୪୦ ୱାଟ୍ ବଲ୍‌ବର ବ୍ୟବସ୍ଥା କରନ୍ତୁ ।

**ବିଶେଷ ଦ୍ରଷ୍ଟବ୍ୟ** -ମନେରଖନ୍ତୁ, ଯେପରି ଆଲୋକ ରଶ୍ମି ଗରିଆଡ଼େ ସମାନ ଭାବରେ ପଡ଼େ । ଅନ୍ଧାର ସ୍ଥାନ ରହିଲେ ଉତ୍ପାଦନ କମିଯାଏ ଓ ବେଶୀ ଆଲୁଅ ହେଲେ କୁକୁଡ଼ାମାନେ ନିଜ ନିଜ ଭିତରେ ଖୁମ୍ପାଖୁମ୍ପି ହୋଇ ଖଣ୍ଡିଆ ଖାବରା ହୋଇଥାନ୍ତି ।

**ଅଣ୍ଡାଦିଆ କୁକୁଡ଼ାଙ୍କ ପରିପାଳନ ଓ ଖୁଆଇବା ପ୍ରଣାଳୀ :** କୁକୁଡ଼ାମାନଙ୍କୁ ଅଣ୍ଡା କିମ୍ବା ମାଂସ ପାଇଁ ପାଳନ କରାଯାଇଥାଏ । ଯେଉଁ କୁକୁଡ଼ାମାନଙ୍କୁ ଅଣ୍ଡା ପାଇଁ ପାଳନ କରାଯାଇଥାଏ, ସେମାନଙ୍କୁ ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ା ଓ ଯେଉଁ କୁକୁଡ଼ାମାନଙ୍କୁ ମାଂସ ପାଇଁ ପାଳନ କରାଯାଇଥାଏ, ସେମାନଙ୍କୁ ବ୍ୟବସାୟିକ ବ୍ରଏଲର ବା ମାଂସାଳ କୁକୁଡ଼ା କୁହାଯାଇଥାଏ । କୁକୁଡ଼ାମାନଙ୍କୁ ସଘନ ଓ ରେଞ୍ଜ ପ୍ରଣାଳୀରେ ରଖାଯାଇ ପାଳନ କରାଯାଇପାରିବ ।

ଯତ୍ନର ସହ ବଛାଯାଇଥିବା ଭଲ ବଂଶର କୁକୁଡ଼ାମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଦୃଷ୍ଟି ଦେଲେ ଓ ଭଲ ଭାବରେ ଖାଇବାକୁ ଦେଲେ ସେମାନେ ଲାଭଦାୟକ ହୋଇଥାନ୍ତି । ଗୋଟିଏ କୁକୁଡ଼ା ଆବଶ୍ୟକ କରୁଥିବା ଦାନା, ତାହାର ଶାରୀରିକ ଓଜନ, ଉତ୍ପାଦନ ହାର ତାର ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ । ହାରାହାରି ଗୋଟିଏ ବଡ଼ କୁକୁଡ଼ାକୁ ଦିନକୁ ୧୧୦ ରୁ ୧୨୦ ଗ୍ରାମ ଖାଦ୍ୟ ଦିଆଯାଇଥାଏ ।

**ଘରବାଡ଼ିର କୁକୁଡ଼ାଙ୍କୁ ଖୁଆଇବା ପ୍ରଣାଳୀ** - ରୋଷେଇ ଘରର ନଷ୍ଟ ପଦାର୍ଥ, ବାହାରେ ପଡ଼ିଥିବା ଶସ୍ୟ, ପୋକଜୋକ ଓ କୀଟ ପ୍ରଭୃତି ସାଧାରଣତଃ ଘରବାଡ଼ିର କୁକୁଡ଼ାଙ୍କ ଖାଦ୍ୟ । ଉଲ୍ଲିଖିତ ପଦାର୍ଥ ସବୁବେଳେ ମିଳୁ ନଥିବାରୁ ସେମାନଙ୍କୁ ପ୍ରତିଦିନ କିଛି ପରିମାଣ ଦାନା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଦରକାର । ଯେତେବେଳେ ଶସ୍ୟ, ଶସ୍ୟଗୁଣ୍ଡ ଓ ବାଦାମ ପିଡ଼ିଆ ପ୍ରଭୃତି ଖାଦ୍ୟ ମିଳିଥାଏ, ଏହାକୁ ମିଶାଇ ନିମ୍ନଲିଖିତ ମତେ ଗୋଟିଏ ମିଶ୍ରିତ ଦାନା ପ୍ରସ୍ତୁତ କରନ୍ତୁ ।

**ଘରବାଡ଼ିର କୁକୁଡ଼ାଙ୍କ ପାଇଁ ସୁଷମ ମିଶ୍ରିତ ଦାନା :**

| | **ସୁଷମଦାନା - ୧ (ପ୍ରତିଶତ ଉପାଦାନ)** | **ସୁଷମଦାନା - ୨ (ପ୍ରତିଶତ ଉପାଦାନ)** |
|---|---|---|
| ବାଦାମ ପିଡ଼ିଆ | ୫୨ | ୬୨ |
| ଜିଞ୍ଜିଲି ପିଡ଼ିଆ | ୪୦ | ୩୦ |
| ଅଲଣା ଶୁଖୁଆ | ୦୪ | ୦୪ |
| ଧାତବ ମିଶ୍ରଣ | ୦୪ | ୦୪ |
| **ମୋଟ** | **୧୦୦** | **୧୦୦** |

**ମିଶ୍ରଣ ହାର :** ଉଲ୍ଲିଖିତ ମିଶ୍ରଣରୁ ୧ ଭାଗ ସହ ୧.୨ ଭାଗ ଗ୍ରଉଳ ବୋଳ ଓ ୧.୨ ଭାଗ ମକା, ଜୁଆର କିମ୍ବା ଟେପିଓକା ମିଶାନ୍ତୁ । ଏହାଛଡ଼ା ଯଥେଷ୍ଟ ପରିମାଣ ଶାମୁକାଗୁଣ୍ଡ ଦିଅନ୍ତୁ ।

**ଛୋଟ ଚିଆଁଙ୍କୁ ଖୁଆଇବା ପ୍ରଣାଳୀ :**

ଆଠ ସପ୍ତାହ ପର୍ଯ୍ୟନ୍ତ କୁକୁଡ଼ା ଚିଆଁଙ୍କୁ ପ୍ରାରମ୍ଭିକ ଖାଦ୍ୟ (Starter Ration) ଦିଅନ୍ତୁ । ମନେରଖନ୍ତୁ, ଫାର୍ମରେ ଏହି ଖାଦ୍ୟ ତିଆରି କଲେ ଅଳ୍ପ ଖର୍ଚ୍ଚ ପଡ଼ିଥାଏ । ଚିଆଁ ଜନ୍ମର ପ୍ରଥମ ଦିନେ ଦୁଇ ଦିନ ପର୍ଯ୍ୟନ୍ତ ଖଣ୍ଡେ କାଗଜ ଉପରେ ଗୁଣ୍ଡମକା ଚିଆଁଙ୍କୁ ଖାଇବାକୁ ଦିଅନ୍ତୁ । ତପରେ ଚିଆଁଙ୍କୁ ଖାଦ୍ୟପାତ୍ରରେ ଖାଦ୍ୟ ଦିଅନ୍ତୁ । ସବୁ ସମୟରେ ଚିଆଁଙ୍କୁ ନିର୍ମଳ ପାଣି ପିଇବାକୁ ଦିଅନ୍ତୁ ।

ଯଦି ଅଧିକାଂଶ କୁକୁଡ଼ା ଚିଆଁଙ୍କର ଆଖିରୋଗ ଦେଖାଯାଏ ଓ ମୁଣ୍ଡ ଉପର ଫୁଲ ଅପରିଷ୍କାର ଦେଖାଯାଏ, ତେବେ ପୁଷ୍ଟିସାର ଖାଦ୍ୟର ଅଭାବ ରହିଛି ବୋଲି ଜଣାଯିବ । ବିଶେଷତଃ ଖାଦ୍ୟପ୍ରାଣ 'କ'ର ଅଭାବ ରହିଛି ବୋଲି ବୁଝାଯିବ କିମ୍ବା ବାୟୁ ଚଳାଚଳ ଠିକ୍ ଭାବରେ ହେଉନାହିଁ ବୋଲି ଧରାଯିବ କିମ୍ବା ଚିଆଁମାନେ ବେଶୀ ସଂଖ୍ୟାରେ ଅଛନ୍ତି ବୋଲି ଜଣାଯିବ । କୁକୁଡ଼ା ଚିଆଁଙ୍କ ଗୋଡ଼ରେ ପକ୍ଷାଘାତ ରୋଗ ଦେଖାଗଲେ, ଗୋଡ଼କୁ ଘୋଷାରିଲେ, ମୁଣ୍ଡ ଝିଙ୍କିଲେ, ଖାଦ୍ୟପ୍ରାଣ 'ଡ' ଓ/କିମ୍ବା ଥାୟାମିନ୍‌ର ଅଭାବ ହେଉଛି ବୋଲି ଜଣାଯିବ । ଗୋଡ଼ର ପକ୍ଷାଘାତ ରୋଗ, ରାଣିକ୍ଷେତ ଟିକାର ପ୍ରତିକ୍ରିୟା ଯୋଗୁଁ କିମ୍ବା ଖାଦ୍ୟରେ କ୍ୟାଲ୍‌ସିୟମ୍ (Calcium)ର ଅଭାବ ଯୋଗୁଁ କିମ୍ବା ଡକ୍‌ସିସାଇକ୍ଲିନ୍ (Doxy Cycline)ନାମକ ଔଷଧ ବହୁ ଦିନ ପର୍ଯ୍ୟନ୍ତ ବ୍ୟବହାର କରିବା ଯୋଗୁଁ ହୋଇପାରେ । ତେଣୁ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ଖୁଆଇବା ପ୍ରଣାଳୀ :** କୁକୁଡ଼ାଙ୍କୁ ୨୦ ସପ୍ତାହ ପରେ ଅଣ୍ଡାଦେବା ଦାନା ଦିଆଯାଇପାରେ । ଦାନାକୁ ଝୁଲନ୍ତା ଦାନାପାତ୍ର କିମ୍ବା ତଳେ ରଖାଯାଇଥିବା ଦାନାପାତ୍ରରେ ଦିଆଯାଇପାରେ । ୧୦ ଗୋଟି ତଳେ ରଖାଯାଇଥିବା ଲମ୍ବାଳିଆ ଦାନାପାତ୍ର ୧୦୦ ଗୋଟି କୁକୁଡ଼ାଙ୍କ ପାଇଁ ଯଥେଷ୍ଟ ହେଉଥିବା ସ୍ଥଳେ ୫ ଗୋଟି ୨୦ ରୁ ୨୫ କିଲୋ କ୍ଷମତା ବିଶିଷ୍ଟ ଝୁଲନ୍ତା ଦାନାପାତ୍ର ମଧ୍ୟ ୧୦୦ ଗୋଟି କୁକୁଡ଼ାଙ୍କ ପାଇଁ ଯଥେଷ୍ଟ ହେବ । ଦାନାପାତ୍ରଠାରୁ ୩ ମିଟର ଦୂରରେ ପାଣିପାତ୍ର ରଖନ୍ତୁ । ଦାନାକୁ ଦିନରେ ୨/୩ଥର ଗୋଳାଇ ଦେଲେ କୁକୁଡ଼ାମାନେ ଭଲ ଭାବରେ ଦାନା ଖାଇଥାନ୍ତି ।

ସବୁଜ ପତ୍ରକୁ ଭଲ ଭାବରେ ଧୋଇ ବିଶେଷତଃ ପଟାସ୍ ପାଣିରେ ଧୋଇ କୁକୁଡ଼ାମାନଙ୍କୁ ଖାଇବାକୁ ଦିଅନ୍ତୁ । ୧୦୦ ଗୋଟି କୁକୁଡ଼ାଙ୍କ ପାଇଁ ୨ କିଲୋ ସବୁଜପତ୍ର ଯଥେଷ୍ଟ । ଉତ୍ତମ ରସାଳପତ୍ର କୁକୁଡ଼ାଙ୍କ ପାଇଁ ଉତ୍କୃଷ୍ଟ । କ୍ୟାଲ୍‌ସିୟମ୍ ଯୋଗାଇବା ପାଇଁ କୁକୁଡ଼ାଙ୍କ ଖାଦ୍ୟରେ ଶାମୁକାଗୁଣ୍ଡ ଦିଅନ୍ତୁ । ବଜାରରେ ସବୁ ଶ୍ରେଣୀର କୁକୁଡ଼ା; ଯଥା ପ୍ରାରମ୍ଭିକ, ବର୍ଦ୍ଧିଷ୍ଣୁ ଓ ଅଣ୍ଡାଦିଆ

କୁକୁଡ଼ାଙ୍କ ପାଇଁ ସହଜରେ ଦାନା ମିଳୁଛି । ଖାଦ୍ୟରେ ହଠାତ୍ ପରିବର୍ତ୍ତନ କରନ୍ତୁ ନାହିଁ ଏବଂ ମନେରଖନ୍ତୁ, ଗ୍ରୀଷ୍ମକାଳରେ କୁକୁଡ଼ାଙ୍କର ଖାଇବା ବହୁତ କମିଯାଏ ।

**କୁକୁଡ଼ାଙ୍କ ଦାନା ନିର୍ଘଣ୍ଟ**

| ଉପାଦାନ | ପ୍ରାରମ୍ଭିକ ଚିଆଁ ଦାନା (୦-୮ ସପ୍ତାହ) (ପ୍ରତିଶତରେ) | ବର୍ଦ୍ଧିଷ୍ଣୁ କୁକୁଡ଼ା (୯-୨୦ ସପ୍ତାହ) (ପ୍ରତିଶତରେ) | ବଡ଼ କୁକୁଡ଼ା (୨୦ ସପ୍ତାହାରୁ ଉର୍ଦ୍ଧ୍ୱ) (ପ୍ରତିଶତରେ) |
|---|---|---|---|
| ୧ | ୨ | ୩ | ୪ |
| ବାଦାମ ପିଡ଼ିଆ | ୩୦ | ୧୬ | ୧୮ |
| ଜିଞ୍ଜଲି ପିଡ଼ିଆ | ୫ | -- | -- |
| ହଳଦିଆ ମକା | ୧୫ | ୨୪ | ୨୫ |
| କୁଣ୍ଡା | -- | ୨୨ | -- |
| ଗ୍ରଉଲବୋଳ (କାଣ୍ଡିଆ କୁଣ୍ଡା) | ୨୪ | ୧୦ | ୩୦ |
| ଗହମ ଗ୍ରେକଡ଼ | ୧୪ | ୧୬ | ୧୨ |
| ଅଲଣା ଶୁଖୁଆ | ୧୦ | ୧୦ | ୧୦ |
| ଧାତବ ମିଶ୍ରଣ | ୧.୭୫ | ୧.୭୫ | ୨.୫ |
| ଲୁଣ | ୦.୨୫ | ୦.୨୫ | ୦.୫ |
| ଶାମୁକା ଗୁଣ୍ଡ | -- | -- | ୨.୦ |
| **ମୋଟ** | **୧୦୦** | **୧୦୦** | **୧୦୦** |

**ପ୍ରତି ୧୦୦ କିଲୋ ଦାନାରେ ମିଶାନ୍ତୁ**

| | | | | |
|---|---|---|---|---|
| ୧) | ଖାଦ୍ୟପ୍ରାଣ ଏବି୨ ଡି୩ (ଭିଟାମିନ୍) | ୨୦-୨୫ଗ୍ରାମ୍ | ୨୦-୨୫ଗ୍ରାମ୍ | ୨୦-୨୫ଗ୍ରାମ୍ |
| ୨) | କକ୍‌ସିଡ଼ିଆ ନାଶକ ଔଷଧ | ୫୦ ଗ୍ରାମ୍ | ୫୦ଗ୍ରାମ୍ | -- |

**ବ୍ରଏଲର୍ କୁକୁଡ଼ା**

**ଉପଯୋଗୀତା**

୧) ଏହାର ମାଂସ ଛେଳି ଓ ମେଣ୍ଢା ମାଂସ ଅପେକ୍ଷା ଶସ୍ତା, ସୁସ୍ୱାଦୁ ଓ ନରମ ।

୨) ଏମାନେ ଖୁବ୍ ଶୀଘ୍ର ବଢ଼ି ଦୁଇମାସ ବେଳକୁ ମାଂସ ଉପଯୋଗୀ ହୋଇଥାନ୍ତି । ଏପରିକି ୨ କେ.ଜି. ଖାଦ୍ୟକୁ ୧ କେ.ଜି. ମାଂସରେ ପରିଣତ କରିପାରିଥାନ୍ତି ।

୩) ଏଥିରେ କମ୍ ଟଙ୍କା ଖଟାଇବାକୁ ପଡ଼ିଥାଏ । ୨ ମାସ ପରେ ଟଙ୍କା ମିଳୁଥିବାରୁ ଲାଭାଂଶ ବେଶୀ ମିଳେ ।

୪) ଏହାର ମାଂସ ନରମ ଓ ସୁସ୍ୱାଦୁ ହୋଇଥିବାରୁ ଏହି ମାଂସର ଅଧିକ ଗ୍ରହିଦା ରହିଛି ।

୫) ଛେଳି ଓ ମେଣ୍ଢା ମାଂସ ଭଲ ଭାବରେ ମିଳୁ ନଥିବାରୁ, ଏହି ମାଂସ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିବାରେ ଲାଗିଛି । ଉତ୍ପାଦନ ପାଇଁ ସମୟର ଆବଶ୍ୟକତା ଖୁବ୍ କମ୍ । ବ୍ରଏଲର୍ ଜାତୀୟ କୁକୁଡ଼ାମାନେ ଖୁବ୍ ଶୀଘ୍ର ବଢ଼ି ଦୁଇମାସ ବୟସ ବେଳକୁ ଖାଦ୍ୟ ଉପଯୋଗୀ ହୋଇଥାନ୍ତି । ତା'ପରେ ଯେତେ ଶୀଘ୍ର ସମ୍ଭବ, ଏମାନଙ୍କୁ ବିକ୍ରି କରିଦେବା ଦରକାର । ଦଶ ସପ୍ତାହ ପରେ ଏମାନେ ଆଉ ବଢ଼ନ୍ତି ନାହିଁ । ବରଂ ଗୁଡ଼ିଏ ଖାଦ୍ୟ ଖାଉଥାନ୍ତି । ତେଣୁ ବ୍ରଏଲର ଜାତୀୟ କୁକୁଡ଼ା ପାଳିବାକୁ ହେଲେ ପ୍ରଥମେ ବଜାର ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଶିଳ୍ପ ଅଞ୍ଚଳ ବା ସହର ଅଞ୍ଚଳର ନିକଟରେ ବ୍ରଏଲର ଫାର୍ମ କଲେ ଏମାନଙ୍କୁ ଠିକ୍ ସମୟରେ ବିକ୍ରି କରିବାରେ ଅସୁବିଧା ଦେଖା ଦେଇଥାଏ ।

**ବ୍ରଏଲର ଫାର୍ମ କିପରି କରାଯିବ**

ଏହି ଜାତୀୟ କୁକୁଡ଼ାମାନଙ୍କୁ ଅଳ୍ପ ଦିନ ପାଇଁ ପୋଷା ଯାଉଥିବାରୁ ଯଥାସମ୍ଭବ ସବୁବେଳେ କୁକୁଡ଼ାଙ୍କୁ ରଖାଯିବା ଦରକାର । ସାଧାରଣତଃ ଗୋଟିଏ ବ୍ରଏଲର ଫାର୍ମର ପ୍ରତି ସପ୍ତାହରେ କିଛି ସଂଖ୍ୟାରେ କୁକୁଡ଼ା ବିକ୍ରି କରାଯାଉଥାନ୍ତି । ଏହାଦ୍ୱାରା ବଜାରରେ ବରାବର କୁକୁଡ଼ା ମାଂସ ମିଳିବା ସଂଗେ ସଂଗେ ଚାଷୀ ମଧ୍ୟ କିଛି ପଇସା ପାଉଥାଏ ।

କେତେକ କୃଷକ ଗୋଟିଏ ଦଳ ପରେ ଆଉ ଗୋଟିଏ ଦଳ କୁକୁଡ଼ା ପାଳିଥାନ୍ତି । ମାତ୍ର ଆଉ କେତେକ କୃଷକ ପ୍ରତି ସପ୍ତାହ ବା ପ୍ରତି ପକ୍ଷରେ ଗୋଟିଏ ଲେଖାଏଁ ଦଳ କୁକୁଡ଼ା ପାଳନ୍ତି । ତେଣୁ ବ୍ରଏଲର ଫାର୍ମରେ ବର୍ଷ ସାରା ଯେପରି ବିଦ୍ୟୁତ୍ ସରବରାହ ରହେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର । ବ୍ରଏଲର ଫାର୍ମରେ ସାରାରାତି କୃତ୍ରିମ ଆଲୋକର ବ୍ୟବସ୍ଥା କରନ୍ତୁ । ୧୦୦ ବର୍ଗଫୁଟ ସ୍ଥାନ ପାଇଁ ୪୦ ୱାଟର ବଲ୍ବ ଦରକାର ।

ସାଧାରଣତଃ ବ୍ରଏଲର୍ କୁକୁଡ଼ାମାନଙ୍କୁ ଡିପ୍‌ଲିଟର ପ୍ରଣାଳୀରେ ପାଳନ କରାଯାଇଥାଏ । ବେଳେବେଳେ ପିଞ୍ଜରା ପ୍ରଣାଳୀରେ ମଧ୍ୟ ପାଳନ କରାଯାଇଥାଏ ।

## ଡିପ୍‌ଲିଟର ପ୍ରଣାଳୀ

ଛୋଟ ଚିଆଁମାନଙ୍କୁ ପ୍ରଥମେ ବ୍ରୁଡର ଘରେ ଓ ୪ ସପ୍ତାହରୁ ବଡ଼ କୁକୁଡ଼ାଘରେ ପାଳନ କରାଯାଏ । ପ୍ରତି କୁକୁଡ଼ା ପାଇଁ ୦.୫ ବର୍ଗଫୁଟ୍ ସ୍ଥାନ ଦରକାର ହୋଇଥାଏ । ବଡ଼ କୁକୁଡ଼ା (୪ସପ୍ତାହରୁ ବଡ଼)ଙ୍କ ପାଇଁ ୧ ବର୍ଗ ଫୁଟ୍ ସ୍ଥାନ ଦରକାର ହୋଇଥାଏ । ସାଧାରଣତଃ ପ୍ରଥମେ ଚିଆଁ ମାନଙ୍କୁ ବ୍ରୁଡର ଘରେ ପାଳନ କରାଯାଏ ଓ ୩ ରୁ ୪ ସପ୍ତାହ ବେଳକୁ କୁକୁଡ଼ା ଘରକୁ ସ୍ଥାନାନ୍ତରିତ କରାଯାଇଥାଏ । ପ୍ରତିଦଳ କୁକୁଡ଼ା ବିକ୍ରୀ ହୋଇଯିବା ପରେ ସାଧାରଣତଃ ଏହି ଘରଗୁଡ଼ିକୁ ସଫା କରାଯାଇଥାଏ । ଯଦି କୁକୁଡ଼ା ପଲରେ କୌଣସି ରୋଗ ଦେଖାଯାଇ ନଥାଏ, ତେବେ ସେହି ଲିଟରକୁ ୩,୪ ଥର ବ୍ୟବହାର କରାଯାଇପାରିବ । କିନ୍ତୁ ଏପରି ଲିଟରକୁ ବ୍ୟବହାର କରିବାକୁ ହେଲେ ଏଥିରେ ୪ ଫରମାଲିନ୍ ସ୍ପ୍ରେ କରିବାକୁ ଓ କିଛି ନୂଆ ଲିଟର ମଧ୍ୟ ମିଶାଇବାକୁ ପଡ଼ିବ ।

## ବ୍ରଏଲରଙ୍କ ପାଇଁ ଘର

ପୂର୍ବରୁ କୁହାଯାଇଛି ଯେ ଗୋଟିଏ ଚିଆଁ ପାଇଁ ୦.୫୦ ବର୍ଗଫୁଟ୍ ରହିବା ସ୍ଥାନ ଓ ଗୋଟିଏ କୁକୁଡ଼ା ପାଇଁ ୧ ବର୍ଗଫୁଟ ରହିବା ସ୍ଥାନ ଦରକାର ହୋଇଥାଏ । ଏହାଛଡ଼ା ଗୋଟିଏ ଚିଆଁ ପାଇଁ ୧ ଇଞ୍ଚ ଖାଇବା ସ୍ଥାନ ଓ ୧ଇଞ୍ଚ ପାଣି ପିଇବା ସ୍ଥାନ ଦରକାର । ସେହିପରି ଗୋଟିଏ ବଡ଼ ବ୍ରଏଲର କୁକୁଡ଼ା ପାଇଁ ୧ ବର୍ଗଫୁଟ୍ ରହିବା ସ୍ଥାନ ଓ ୨ ଇଞ୍ଚ ପାଣି ପିଇବା ସ୍ଥାନ ଦରକାର ।

## ଲିଟର

ଚଷୁ, କରତଗୁଣ୍ଡ ପ୍ରଭୃତିକୁ ଆବଶ୍ୟକୀୟ ପରିମାଣରେ କୁକୁଡ଼ା ଚିଆଁ କିଣିବାର ୪/୫ମାସ ପୂର୍ବରୁ କିଣିବା ଦରକାର । ଏହାକୁ ପୂରାପୂରି ଖରାରେ ଶୁଖାଇବାକୁ ହେବ । ସଂପୂର୍ଣ୍ଣ ଭାବେ ଶୁଖିଗଲା ପରେ ଶତକଡ଼ା ୨ ଫରମାଲିନ୍ ଔଷଧକୁ ସ୍ପ୍ରେ କରି ପୁଣି ଥରେ ଖରାରେ ଶୁଖାଇବାକୁ ପଡ଼ିବ । ତାପରେ ବସ୍ତାରେ ପୁରାଇ ରଖିବେ । କୁକୁଡ଼ା ଛୁଆ ଆଣିବାର ଗୋଟିଏ

ଦିନ ପୂର୍ବରୁ କିମ୍ବା ଛୋଟ ଚିଆଁ ବଡ଼ ଘରକୁ ସ୍ଥାନାନ୍ତରିତ କରିବାର ଗୋଟିଏ ଦିନ ପୂର୍ବରୁ ଏହାକୁ କୁକୁଡ଼ା ଘରେ ବିଛାଇଦେବା ଦରକାର ।

କୁଟାକୁ ବା ନଡ଼ାକୁ ଛୋଟ ଛୋଟ କରି କାଟି ମଧ୍ୟ ଲିଟର ଭାବରେ ବ୍ୟବହାର କରାଯାଇପାରେ । କୁକୁଡ଼ା ଛୁଆ ରଖିବାର ୫/୭ ଦିନ ଆଗରୁ ଏହାକୁ ଘରେ ବୁଣି ଦେବାକୁ ହେବ ଓ ସେଥିରେ ଫରମାଲିନ୍ ଔଷଧ ସ୍ପ୍ରେ କରିବାକୁ ହେବ । ପ୍ରତି ୧୦୦ ବର୍ଗ ଫୁଟ ଚଟାଣରେ ୮ ଲିଟରରେ ୬ ରୁ ୭ କେ.ଜି. ଶୁଖିଲା ଚୂନଗୁଣ୍ଡ ମିଶାଇଲେ କକ୍‌ସିଡ଼ିଓସିସ୍ ଜନୀତ ନାଲି ଝାଡ଼ାରୁ ରକ୍ଷା ମିଳେ ।

**ଘରର ସଫା ସୁତୁରା**

୧. କୁକୁଡ଼ାମାନଙ୍କୁ ବିକ୍ରି କରି ସାରିବା ପରେ ପରେ ଘରକୁ ୨ ରୁ ଶତକଡ଼ା ୪ ଫରମାଲିନ୍ ଔଷଧ ସ୍ପ୍ରେ କରିଦେବାକୁ ହେବ । ଯଦି ଲିଟର ବଦଳାଇବାର ଥାଏ, ତେବେ ପୁରୁଣା ଲିଟରକୁ ଗାଡ଼ିରେ ନେଇ ଦୂରରେ ପକାଇବା ଦରକାର ।

୨. ପୂରା ଘରକୁ ଭଲ ଭାବରେ ଝାଡ଼ି ପରିଷ୍କାର କରନ୍ତୁ ।

୩. ପକ୍କା ହୋଇଥିଲେ ଘର ତଳିକୁ କ୍ଷାରସୋଡ଼ା ପାଣିରେ ଧୋଇ ଦିଅନ୍ତୁ ଓ କାନ୍ଥକୁ ଚୂନରେ ଧୁଳେଇ କରନ୍ତୁ । ମାଟି ଘର ହୋଇଥିଲେ ଗୋବରରେ ଲିପି ଦିଅନ୍ତୁ ଓ ଉପରେ ଚୂନ ଲିପି ଦିଅନ୍ତୁ ।

୪. ଘରର ଭିତରେ ଓ ବାହାରେ, ଉଭୟ ପଟେ ୦.୨ଶତକଡ଼ା ଫରମାଲିନ୍ ଔଷଧ ସ୍ପ୍ରେ କରନ୍ତୁ । ଥରେ କୁକୁଡ଼ା ରହିବାପରେ ଆଉ କିଛି କରି ହେବ ନାହିଁ ।

୫. ପାଣି ପାତ୍ର ଓ ଖାଦ୍ୟ ପାତ୍ରକୁ ଫିନାଇଲ୍ ପାଣିରେ ଧୂଅନ୍ତୁ ଓ ଫରମାଲିନ୍ ସ୍ପ୍ରେ କଲାପରେ ଭଲଭାବରେ ଖରାରେ ଶୁଖାନ୍ତୁ ।

୬. ଘରକୁ ୨/୩ ସପ୍ତାହ ପାଇଁ ଖାଲି ରଖିବା ଭଲ ।

୭. କୁକୁଡ଼ା ଘରକୁ ପଶିବା ପୂର୍ବରୁ ଗୋଟିଏ ଗୋଡ଼ ଧୂଆ ସ୍ଥାନ ରଖନ୍ତୁ । ସେଥିରେ ବିଶୋଧକ ପାଣି ରଖନ୍ତୁ (ଯେଥା-ଫିନାଇଲ୍, ଲାଇସଲ୍ କିମ୍ବା ଡେଟଲ କିମ୍ବା ସାଭଲନ୍ ପାଣି) । କୁକୁଡ଼ା ଘରକୁ ପଶିବା ପୂର୍ବରୁ କର୍ମଗ୍ରରୀମାନେ ଏଥିରେ ଗୋଡ଼ ବୁଡ଼ାଇ ପଶିବେ । ବାହାର ଲୋକଙ୍କୁ କୁକୁଡ଼ାଘରକୁ ପଶିବାକୁ ଦିଅନ୍ତୁ ନାହିଁ । ପ୍ରତିଦିନ ଥରେ ପାଣି ବଦଳାନ୍ତୁ ।

## କୁକୁଡ଼ା ଚିଆଁ ଆସିବା ପରେ ଯତ୍ନ

କ) କୁକୁଡ଼ା ଚିଆଁ ଆସିବାର ଦୁଇ ଦିନ ପୂର୍ବରୁ କୁକୁଡ଼ା ଘରର ବ୍ରୁଡର, ପାଣି ପାତ୍ର, ଦାନା ପାତ୍ରକୁ ଭଲ ଭାବରେ ପରୀକ୍ଷା କରନ୍ତୁ । ସେଗୁଡ଼ିକ ଠିକ୍ ଭାବରେ କାମ କରୁଛି କି ନା ତାହା ଦେଖନ୍ତୁ ଓ ବ୍ରୁଡର ଉତ୍ତାପ ୯୫° ଫାରେନ୍‌ହିଟ୍‌ରେ ରଖନ୍ତୁ ।

ଖ) ବ୍ରଏଲର କୁକୁଡ଼ା ଚିଆଁମାନେ ପହଞ୍ଚିବା କ୍ଷଣି ସେମାନଙ୍କର ଓଜନ ନିଅନ୍ତୁ ।

ଗ) ବ୍ରୁଡର ଘରେ ଥିବା ପାଣି ପାତ୍ରରେ ନିର୍ମଳ ପାଣି ରଖନ୍ତୁ । ପଶୁ ଡାକ୍ତରଙ୍କ ପରାମର୍ଶରେ ସେଥିରେ ଫୁରାସଲ୍, ଭିଟାମିନ୍-ଏ, ହୋଷ୍ଟାସାଇକ୍ଲିନ୍ ଓ ଗ୍ଲୁକୋଜ୍ ମିଶାନ୍ତୁ ।

ଘ) କୁକୁଡ଼ା ଚିଆଁ ପାଇଁ ଉଦ୍ଦିଷ୍ଟ ବ୍ରୁଡର ଘରେ ଥିବା ଦାନା ପାତ୍ରରେ 'ଚିଆଁ ଦାନା' ବା (Chick Mash) ରଖନ୍ତୁ ।

ଙ) ଦିନିକିଆ କୁକୁଡ଼ା ଚିଆଁକୁ କଟା ନଡ଼ା ଉପରେ ରଖିଲେ ଭଲ । ସେମାନେ ବେଶୀ ଉଷୁମ ପାଇବେ । ଚତୁର୍ଥ ଦିନ ନଡ଼ା ବାହାର କରି କରତଗୁଣ୍ଡ କିମ୍ବା କୁଣ୍ଡା ବିଛାନ୍ତୁ ।

ଚ) ବ୍ରୁଡରରେ ସବୁଆଡ଼େ ଯେପରି ଉତ୍ତାପ ଠିକ୍ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ବେଶୀ ଉତ୍ତାପ ହେଲେ ଚିଆଁମାନେ ଆଲୁଅଠାରୁ ଦୂରେଇ ଯିବେ ଓ କମ୍ ଉତ୍ତାପ ହେଲେ ଆଲୁଅ ପାଖରେ ଗହଳି କରିବେ ଓ ଚଢ଼ା ଚଢ଼ି କରି ଅନେକ ମରିଯିବାର ସମ୍ଭାବନା ଅଛି ।

ଛ) ପ୍ରତି ସପ୍ତାହରେ ୫° ଫାରେନ୍‌ହିଟ୍ ଲେଖାଏଁ ଉତ୍ତାପ କମାନ୍ତୁ ।

ଜ) ସାତ ଦିନ ପରେ ପାଣିରେ ଆଉ ଔଷଧ ମିଶାନ୍ତୁ ନାହିଁ । ତାପରେ ଆବଶ୍ୟକ ପଡ଼ିଲେ ଔଷଧ ମିଶାନ୍ତୁ ।

**ଖାଦ୍ୟ** - ବ୍ରଏଲର୍ ଜାତୀୟ କୁକୁଡ଼ାମାନଙ୍କୁ ୩ ପ୍ରକାରର ଖାଦ୍ୟ ଦିଆଯାଇଥାଏ । ପ୍ରଥମେ ଦିନିକିଆ ଛୁଆଙ୍କ ଠାରୁ ଆରମ୍ଭ କରି ୪ ସପ୍ତାହର ଛୁଆଙ୍କୁ ଯେଉଁ ଖାଦ୍ୟ ଦିଆଯାଏ, Pre-starter (ପ୍ରିଷ୍ଟାରଟର୍) ଖାଦ୍ୟ କୁହାଯାଏ । ୫ ରୁ ୭ ସପ୍ତାହ ପର୍ଯ୍ୟନ୍ତ ଯେଉଁ ଦାନା ଦିଆଯାଏ, ତାହାକୁ (ଷ୍ଟାରଟର) ଓ ୮ମ ସପ୍ତାହରେ ଯେଉଁ ଦାନା ଦିଆଯାଏ, ତାକୁ Finisher (ଫିନିସାର) କୁହାଯାଏ । ଏହି ତିନି ପ୍ରକାରର ଦାନା ବଜାରରୁ କିଣିବାକୁ ମିଳିଥାଏ । କୁକୁଡ଼ାଙ୍କୁ ବିକ୍ରି କରିବାର ୧୦ଘଣ୍ଟା ଆଗରୁ ଆଉ ଖାଦ୍ୟ ଦେବା ଅନୁଚିତ ।

ବ୍ରଏଲର ଜାତୀୟ କୁକୁଡ଼ାମାନଙ୍କର ପ୍ରତି ସପ୍ତାହରେ ଥରେ ଓଜନ ନିଅନ୍ତୁ । ସାଧାରଣତଃ ସପ୍ତାହରେ ହାରାହାରି ନିମ୍ନଲିଖିତ ମତେ ଓଜନ ହେବେ :

| ସପ୍ତାହ | ଶାରିରୀକ ଓଜନ (ଗ୍ରାମ୍‌ରେ) | ସପ୍ତାହ | ଶାରୀରିକ ଓଜନ (ଗ୍ରାମ୍‌ରେ) |
|---|---|---|---|
| ପହଞ୍ଚିବା ସମୟରେ (ଦିନିକିଆ ଚିଆଁ) | ୪୦ଗ୍ରାମ୍ | ୪ର୍ଥ ସପ୍ତାହ | ୬୦୦ ଗ୍ରାମ୍ |
| ୧ମ | ୧୦୦ଗ୍ରା. | ୫ମ ସପ୍ତାହ | ୯୦୦-୯୫୦ଗ୍ରା. |
| ୨ୟ | ୨୧୦ଗ୍ରା. | ୬ଷ୍ଠ ସପ୍ତାହ | ୧୨୦୦-୧୨୫୦ଗ୍ରା. |
| ୩ୟ | ୩୮୦ଗ୍ରା. | ୭ମ ସପ୍ତାହ | ୧୩୫୦-୧୪୫୦ଗ୍ରା. |

ସାଧାରଣତଃ ୮ମ ସପ୍ତାହରେ ବଜାର ଠିକ୍ କରି ବ୍ରଏଲର୍ କୁକୁଡ଼ାମାନଙ୍କୁ ବିକ୍ରି କରିଦେବା ଦରକାର । କୁକୁଡ଼ାକୁ ବିକ୍ରି କରିବାର ୧୦ଘଣ୍ଟା ଆଗରୁ ଖାଦ୍ୟ ଦେବା ଅନୁଚିତ୍ ।

## ବ୍ରଏଲର୍ କୁକୁଡ଼ା ଫାର୍ମ ବିଷୟରେ କେତୋଟି ତଥ୍ୟ

୧. କୁକୁଡ଼ା ଚିଆଁଙ୍କୁ ଭଲ ଫାର୍ମରୁ କିଣନ୍ତୁ । କେବଳ ହୃଷ୍ଟପୁଷ୍ଟ, ଏକା ଓଜନର ଓ ଚଞ୍ଚଳ ଦେଖାଯାଉଥିବା ଏବଂ ଆଖିଗୁଡ଼ିକ ଉଜ୍ଜ୍ୱଳ ଦେଖାଯାଉଥିବା କୁକୁଡ଼ା କିଣନ୍ତୁ ।

୨. ପ୍ରତି ସପ୍ତାହରେ ଏମାନଙ୍କ ଓଜନ ନିଅନ୍ତୁ । ଓଜନ କମିଗଲେ, ଆର୍ଥିକ କ୍ଷତି ଘଟେ ଓଜନ ବଢ଼ିଗଲେ, ଆର୍ଥିକ ଲାଭ ହୁଏ । ଖରାପ ଖାଦ୍ୟ, ଦୂଷିତ ଖାଦ୍ୟ, ପ୍ରଚୁର ନିର୍ମଳ ପାଣିର ଅଭାବ ଓ କକ୍‌ସିଡ଼ିଓସିସ୍ ନାମକ ରୋଗ ଯୋଗୁଁ ଓଜନ କମିଯାଏ । ଏହାର ପ୍ରତିକାର କରନ୍ତୁ ।

୩. ବ୍ରଏଲର୍ ଜାତୀୟ କୁକୁଡ଼ାମାନେ ଅଧିକ ଖାଇଲେ, ସେମାନେ ଶୀଘ୍ର ମୋଟା ହୁଅନ୍ତି । ମାତ୍ର ଯେପରି ସେମାନେ ଅଣ୍ଟରେ ଖାଦ୍ୟ ନଷ୍ଟ ନ କରନ୍ତି କିମ୍ବା ମୂଷାମାନେ ଖାଦ୍ୟ ଖାଇ ନ ଯାନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରତି ଦୁଇଘଣ୍ଟାରେ ଥରେ କୁକୁଡ଼ାକୁ ଖାଇବାକୁ ଦେଲେ ଓ ରାତିରେ ୨/୩ ଥର ଖାଇବାକୁ ଦେଲେ ସେମାନେ ଶୀଘ୍ର ମୋଟା ହୁଅନ୍ତି ।

୪. ଫାର୍ମରେ କକ୍‌ସିଡ଼ିଓସିସ୍ ରୋଗ ଯେପରି ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ନଚେତ୍ ବହୁ କୁକୁଡ଼ା ଏହି ରୋଗରେ ମରିଯିବେ ଓ ଫାର୍ମର କ୍ଷତି ହେବ ।

୫. ଯଦି ଅଣ୍ଡାଦିଆ କୁକୁଡ଼ାଙ୍କର ସାଲମୋନେଲା ଓ କୋଲି ସେପ୍‌ଟିସେମିଆ ରୋଗ ଥାଏ ତେବେ ସେହି କୁକୁଡ଼ାର ଅଣ୍ଡା ଫୁଟାଗଲା ପରେ, ଛୋଟଚିଆଁଙ୍କୁ ଏହି ରୋଗ ହେବାର ସମ୍ଭାବନା ଥାଏ, ଫଳରେ ଦ୍ୱିତୀୟ ସପ୍ତାହରେ ଏହି ରୋଗରେ କୁକୁଡ଼ାଙ୍କର ମୃତ୍ୟୁ ଘଟିଥାଏ । ତେଣୁ ଭଲ ଫାର୍ମରୁ ଚିଆଁ ଆଣନ୍ତୁ ।

୬. ଏଭିଆନ୍ ଏନ୍‌ସେଫାଲେସାଇଟିସ୍ ଏକ ସଂକ୍ରାମକ ରୋଗ । ଏହି ରୋଗ ଦେଖା ଦେଇଥିବା ବା ପୂର୍ବରୁ ରେକର୍ଡ଼ଥିବା ଫାର୍ମରୁ ଚିଆଁ ଆଣନ୍ତୁ ନାହିଁ ।

୭. ମାରେକ୍‌ସ ରୋଗ, ରାଣିକ୍ଷେତ ରୋଗ, କକ୍‌ସିଡ଼ିଓସିସ୍ ରୋଗ ପ୍ରଭୃତି ଫାର୍ମରେ ଯେପରି ନ ହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖନ୍ତୁ ଓ ପ୍ରତିଷେଧକ ଟିକା ଦିଅନ୍ତୁ । ନଚେତ୍ ସବୁ କୁକୁଡ଼ା ମରିଯିବାର ଆଶଙ୍କା ରହିଛି ।

୮. କୁକୁଡ଼ାମାନଙ୍କୁ ଆଠ ସପ୍ତାହ ବେଳକୁ ବିକ୍ରୀ କରିଦିଅନ୍ତୁ । ଅଧିକ ଦିନ ରହିଲେ, ସେମାନେ ଅଧିକ ଦାନା ଖାଇବେ ଓ ଯଦି ସେମାନେ ସେହି ଅନୁସାରେ ନ ବଢ଼ନ୍ତି, ତେବେ କ୍ଷତି ହୋଇଥାଏ ।

**ବ୍ରଏଲର୍ କୁକୁଡ଼ାଙ୍କୁ ଖୁଆଇବା ପ୍ରଣାଳୀ -**

ବ୍ରଏଲର ଏପରି ଏକ କୁକୁଡ଼ା, ଯାହାକୁ ବଂଶଗତ ଗୁଣ ମାଧ୍ୟମରେ ସ୍ୱତନ୍ତ୍ରଭାବରେ ପ୍ରଜନନ କରାଯାଇଥାଏ ଏବଂ ଶୀଘ୍ର ବଢ଼ି ମାଂସ ଉପଯୋଗୀ ହେବା ପାଇଁ ଖାଦ୍ୟସାର ପୂର୍ଣ୍ଣ ଉଚ୍ଚ ଗୁଣସମ୍ପନ୍ନ ଖାଦ୍ୟ ଦିଆଯାଇଥାଏ । ଉଚ୍ଚ ଗୁଣସମ୍ପନ୍ନ ଖାଦ୍ୟ ଦେବାର ଉଦ୍ଦେଶ୍ୟ ହେଲା ଯେ ଏମାନେ ଖାଦ୍ୟ ସର୍ବାପେକ୍ଷା ଅଧିକ ମାଂସରେ ପରିଣତ କରିପାରିବେ ।

ରନ୍ଧନୋପଯୋଗୀ କୁକୁଡ଼ାମାନେ ଆଠ ସପ୍ତାହ ବୟସ ବେଳକୁ ୧.୫ ରୁ ୨ କିଲୋ ପର୍ଯ୍ୟନ୍ତ ଓଜନ ହୋଇଥାନ୍ତି । ବ୍ରଏଲର୍ ବା ରନ୍ଧନୋପଯୋଗୀ କୁକୁଡ଼ା ଶିଳ୍ପର ସଫଳତା ଓ ଆର୍ଥିକ ଲାଭ କୁକୁଡ଼ାଙ୍କ ବୃଦ୍ଧିର ହାର ଉପରେ ନିର୍ଭର କରେ । ତେଣୁ ବ୍ରଏଲର୍ କୁକୁଡ଼ାଙ୍କ ଖାଦ୍ୟର ଗୁଣାତ୍ମକମାନ ହିଁ କୁକୁଡ଼ାଙ୍କ ଶାରୀରିକ ବୃଦ୍ଧିର ପ୍ରଧାନ ଭୂମିକା ଗ୍ରହଣ କରିଥାଏ । ଖାଦ୍ୟ ପ୍ରସ୍ତୁତ କଲାବେଳେ ଉତ୍କୃଷ୍ଟ ଖାଦ୍ୟ ଉପାଦାନ ସବୁକୁ ବାଛିବା ଦରକାର ଓ ଏଗୁଡ଼ିକ ସବୁ ଦିଗରୁ ସନ୍ତୁଳିତ ହୋଇଥିବା ଦରକାର ।

**ବ୍ରଏଲର କୁକୁଡ଼ା ପାଳନ ପାଇଁ ବ୍ୟବହୃତ ଖାଦ୍ୟର ପ୍ରକାର**

ଦୁଇ ପ୍ରକାର ଖାଦ୍ୟ ବ୍ୟବହୃତ ହୋଇଥାଏ -

୧. ବ୍ରଏଲର ପ୍ରାରମ୍ଭିକ (Broiler Starter) ଦାନା

୨. ବ୍ରଏଲର ସର୍ବଶେଷ (Broiler finisher) ଦାନା

ପ୍ରଥମ ୬ ସପ୍ତାହ ପର୍ଯ୍ୟନ୍ତ ପ୍ରାରମ୍ଭିକ ଦାନା ଓ ଶେଷ ଦୁଇମାସ ସର୍ବଶେଷ ଦାନା ଦିଆଯାଇଥାଏ । ଯଦି କମ୍ ଦାମ୍‌ରେ ଦାନାର ଉପାଦାନ ଗୁଡ଼ିକ ମିଳୁଥାଏ, ତେବେ ଫାର୍ମରେ ଦାନା ତିଆରି କରିବା ସବୁଠାରୁ ଭଲ ଉପାଦାନଗୁଡ଼ିକରେ ଯେପରି ଫିମ୍ପି ମାରି ନଥାଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର । ସୁଷମ ଦାନାରେ ଆବଶ୍ୟକ ପରିମାଣ ଧାତବ

ଲବଣ ଓ ଭିଟାମିନ୍ ମିଶାଇବା ଦରକାର । ଏହି ଜାତୀୟ କୁକୁଡ଼ାମାନେ ଖୁବ୍ ଶୀଘ୍ର ବଢୁଥିବାରୁ, ଏମାନେ ସାଧାରଣ ଅଣ୍ଡାଦିଆ କୁକୁଡ଼ାଙ୍କ ଅପେକ୍ଷା ଅଧିକ ଖାଦ୍ୟ ସାର ଆବଶ୍ୟକ କରିଥାନ୍ତି ।

## ବ୍ରଏଲର କୁକୁଡ଼ାଙ୍କ ଆଦର୍ଶଖାଦ୍ୟ ନିର୍ଘଣ୍ଟ

| ଉପାଦାନ | ବ୍ରଏଲର ପ୍ରାରମ୍ଭିକ (୦-୬ ସପ୍ତାହ) (ପ୍ରତିଶତରେ) | ବ୍ରଏଲର ସର୍ବଶେଷ (୬ ରୁ ୮ ସପ୍ତାହ) (ପ୍ରତିଶତରେ) |
|---|---|---|
| ୧ | ୨ | ୩ |
| ବାଦାମପିଡ଼ିଆ | ୩୧ | ୨୩ |
| ହଳଦିଆ ମକା | ୪୦ | ୪୫ |
| କାଣ୍ଡିଆ କୁଣ୍ଡା | ୧୭ | ୨୦ |
| ଅଲଣା ଶୁଖୁଆ | ୧୦ | ୧୦ |
| ଧାତବ ମିଶ୍ରଣ | ୧.୫ | ୧.୫ |
| ଲୁଣ | ୦.୫ | ୦.୫ |
| **ମୋଟ** | **୧୦୦** | **୧୦୦** |
| ଉଲ୍ଲିଖିତ ୧୦୦ କିଲୋ ଦାନାରେ ମିଶାନ୍ତୁ (ଉତ୍ପାଦନକାରୀଙ୍କ ଉପଦେଶ ଅନୁସାରେ) | | |
| ଭିଟାମିନ୍ ଏ.ବି.ଡ଼ି. ଏବଂ କେ. | ୩୦ଗ୍ରା. | ୩୦ଗ୍ରା. |
| କକ୍ସିଡ଼ିଆ ବିନାଶକ | ୫୦ଗ୍ରା. | ୫୦ଗ୍ରା. |

## କୁକୁଡ଼ା ରୋଗ

କୁକୁଡ଼ାମାନଙ୍କର ରୋଗକୁ ସାଧାରଣତଃ ୫ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧. ଜୀବାଣୁ ଜନିତ ରୋଗ ।
୨. ଭୂତାଣୁ ଜନିତ ରୋଗ ।
୩. ପ୍ରୋଟାଜୋଆ ଜନିତ ରୋଗ ।
୪. ପରଜୀବି ଜନିତ ରୋଗ ।
୫. କବକ ଜନିତ ରୋଗ ।

## କୁକୁଡ଼ାମାନଙ୍କୁ ରୋଗ ହେବାର କାରଣ

କୁକୁଡ଼ା ଫାର୍ମ ମଧ୍ୟରେ ଗୋଟିଏ ରୋଗୀ କୁକୁଡ଼ା ଠାରୁ ଅନ୍ୟ ଏକ ସୁସ୍ଥ କୁକୁଡ଼ା କିମ୍ବା ଅନ୍ୟ ଏକ ଫାର୍ମରୁ ଅନ୍ୟ ଏକ ଫାର୍ମକୁ କୁକୁଡ଼ା ରୋଗ ସଂକ୍ରମିତ ହୋଇଥାଏ । ଏହି ରୋଗ ସାଧାରଣତଃ ନିମ୍ନଲିଖିତ ମାଧ୍ୟମ ଦେଇ ସୁସ୍ଥ କୁକୁଡ଼ା ଶରୀରକୁ ପ୍ରବେଶ କରିଥାଏ ।

୧. **ଜଳ :** ସାଧାରଣତଃ ଦୂଷିତ ଜଳ ବ୍ୟବହାର କଲେ ରୋଗ ବ୍ୟାପିଥାଏ । ଅପରିଷ୍କାର ଜଳ କୁକୁଡ଼ାଙ୍କୁ ପିଇବାକୁ ଦେଲେ ସୁସ୍ଥ କୁକୁଡ଼ାମାନଙ୍କ ଦେହରେ ରୋଗ ଦେଖାଦେଇଥାଏ ।

୨. **ଖାଦ୍ୟ :** କୁକୁଡ଼ା ଖାଦ୍ୟ ବେଶୀଦିନ ରହିଯାଇ ଦୁର୍ଗନ୍ଧପୂର୍ଣ୍ଣ ହୋଇଗଲେ; କିମ୍ବା ଖାଦ୍ୟରେ କୌଣସି ପଦାର୍ଥ ମିଶିଗଲେ ଏହା କୁକୁଡ଼ା ଦେହରେ ରୋଗ ସୃଷ୍ଟି କରିଥାଏ । କୁକୁଡ଼ା ଖାଦ୍ୟ ଯଦି ସଂପୂର୍ଣ୍ଣ ଭାବେ ସନ୍ତୁଳିତ ନ ହୁଏ ତାହେଲେ ଏହା ଖାଦ୍ୟସାର ଅଭାବ ଜନିତ ରୋଗ ସୃଷ୍ଟି କରିଥାଏ ।

୩. **ବାୟୁ :** ଭୂତାଣୁ ଜନିତ ରୋଗ ସାଧାରଣତଃ ବାୟୁଦ୍ୱାରା ସଂକ୍ରମିତ ହୋଇଥାଏ ।

୪. **ସଂସର୍ଗ :** କୁକୁଡ଼ାମାନଙ୍କ ଦେହର ଉକୁଣୀ, ଟିଙ୍କ ଇତ୍ୟାଦି ସଂସର୍ଗ ମାଧ୍ୟମରେ ରୋଗଗ୍ରସ୍ତ କୁକୁଡ଼ା ଦେହରୁ ସୁସ୍ଥ କୁକୁଡ଼ା ଦେହକୁ ସଂକ୍ରମିତ ହୋଇଥାନ୍ତି ।

୫. **ଲିଟର :** କୁକୁଡ଼ା ଘରର ଲିଟର ଓଦା କିମ୍ବା ସନ୍ତସନ୍ତିଆ ହେଲେ ରୋଗ ଜୀବାଣୁ, କୃମି ଓ କକ୍‌ସିଡ଼ିଓସିସ୍ ରୋଗର ଜୀବାଣୁ ସୃଷ୍ଟି ହୁଅନ୍ତି । କୁକୁଡ଼ାମାନେ ଅଣ୍ଡରେ ଲିଟର ଖୁମ୍ପିଲେ ଏହା କୁକୁଡ଼ା ଶରୀରକୁ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ ।

୬. **କୁକୁଡ଼ାଘରେ କାମକରିବା ଲୋକ ଓ ଗୃହଉପକରଣ ମାଧ୍ୟମରେ :** ଅନେକ ସମୟରେ କୁକୁଡ଼ାଘରେ କାମ କରୁଥିବା ଶ୍ରମିକମାନେ ରୁଗ୍ଣ କୁକୁଡ଼ାଘରେ କାମ କରି ସାରିଲା ପରେ ପରିଷ୍କାର ପରିଚ୍ଛନ୍ନ ନ ହୋଇ ଭଲ କୁକୁଡ଼ାଘରକୁ ପ୍ରବେଶ କଲେ ସେମାନଙ୍କ ଲୁଗା, ଜୋତା ଇତ୍ୟାଦି ମାଧ୍ୟମରେ ରୋଗ ବ୍ୟାପିଥାଏ । କୁକୁଡ଼ାଘର ଉପକରଣ ଗୁଡ଼ିକୁ ବିଶୋଧନ ନ କରି ଗୋଟିଏ କୁକୁଡ଼ା ଘରୁ ଅନ୍ୟ କୁକୁଡ଼ାଘରକୁ ସ୍ଥାନାନ୍ତରିତ କଲେ ରୋଗ ମଧ୍ୟ ବ୍ୟାପି ଥାଏ ।

୭. **ସ୍ଥାନାନ୍ତରଣ :** କୁକୁଡ଼ାମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କଲେ କିମ୍ବା ପ୍ରଦର୍ଶନୀ ପ୍ରଭୃତିକୁ କୁକୁଡ଼ାଙ୍କୁ ନେଇ ପୁଣି ଆଣି ଫାର୍ମ ମଧ୍ୟରେ ରଖିଲେ କୁକୁଡ଼ା ରୋଗ ବ୍ୟାପିଥାଏ ।

୮. **କୁକୁଡ଼ାଙ୍କ ଯୋଗୁଁ :** ଅନେକ ସମୟରେ ରୋଗଗ୍ରସ୍ତ କୁକୁଡ଼ା ଭଲ ହୋଇଗଲେ ମଧ୍ୟ ସେମାନେ ରୋଗର ଜୀବାଣୁକୁ ତାଙ୍କ ଶରୀରରେ ଧରି ରଖିଥାଆନ୍ତି ଓ ସୁସ୍ଥ

କୁକୁଡ଼ା ଏମାନଙ୍କ ସଂସ୍ପର୍ଶରେ ଆସିଲେ ରୋଗ ଜୀବାଣୁ ସୁସ୍ଥ କୁକୁଡ଼ାଙ୍କ ଦେହରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ ।

୯. **କୀଟପତଙ୍ଗ ଦ୍ୱାରା :** ଅନେକ ସମୟରେ କୀଟ ପତଙ୍ଗ, ମଶା ଓ ମାଛିମାନେ ରୋଗର ବାହକ ଭାବେ କାର୍ଯ୍ୟ କରିଥାଆନ୍ତି ଓ ରୋଗୀ କୁକୁଡ଼ା ଦେହରୁ ସୁସ୍ଥ କୁକୁଡ଼ା ଦେହକୁ ରୋଗ ସଂକ୍ରମିତ କରିବାରେ ସାହାଯ୍ୟ କରିଥାଆନ୍ତି ।

୧୦. **ପଶୁପକ୍ଷୀମାନଙ୍କ ଦ୍ୱାରା :** ପଶୁପକ୍ଷୀମାନେ ମଲା କୁକୁଡ଼ାର ଦେହାବଶେଷ, ପର ଇତ୍ୟାଦିକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ବୋହି ନେଇ ରୋଗ ସଂକ୍ରମିତ କରିଥାଆନ୍ତି ।

**ଜୀବାଣୁ ଜନିତ ରୋଗ**

**ପୁଲୋରମ :** ଏହା ମୁଖ୍ୟତଃ ଛୋଟ ଛୁଆମାନଙ୍କ ରୋଗ । ବଡ଼ କୁକୁଡ଼ାମାନେ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି । ଏହି ରୋଗ ସାଲମୋନେଲା ପୁଲୋରମ ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗର ଅନ୍ୟ ନାମ ହେଲା ବାସିଲାରି ହ୍ୱାଇଟ୍ ଡାଇରିଆ ବା B.W.D । ଏହି ରୋଗର ଜୀବାଣୁ କୁକୁଡ଼ା ରକ୍ତରେ ଦେଖାଯାଏ ।

**ଲକ୍ଷଣ :** ଆକ୍ରାନ୍ତ ଛୁଆମାନେ ଏକାଠି ଠୁଳ ହୋଇ ଘୁମାନ୍ତି । ଧଳା ଚୁନ ଭଳି ଝାଡ଼ା ହୋଇ ପଛପଟେ ଲାଗେ । ନିଶ୍ୱାସ ନେବା ସମୟରେ ଘୁଡୁ ଘୁଡୁ ଶବ୍ଦ କରନ୍ତି । ଖାଦ୍ୟ ଖାଇବା ବନ୍ଦ କରି ଦିଅନ୍ତି । ସାଧାରଣତଃ ଛୁଆ ଫୁଟିବାର ୫-୧୦ ଦିନ ମଧ୍ୟରେ ମୃତ୍ୟୁହାର ଅଧିକ ହୋଇଥାଏ ।

ବଡ଼ କୁକୁଡ଼ାମାନେ ଆକ୍ରାନ୍ତ ହେଲେ, ଶାଗୁଆ ଝାଡ଼ା ହୋଇଥାଏ । ଚୁଳ ଶୁଖିଯାଏ, ଦୁର୍ବଳ ହୋଇଯାଇ ଅଣ୍ଡା ଉତ୍ପାଦନ କମିଯାଏ, ମୃତ୍ୟୁହାର କମ୍ ହୁଏ । ମାତ୍ର ଏମାନେ ସାଧାରଣତଃ ରୋଗର ବାହକ ହୋଇ ରହନ୍ତି ଓ ଏମାନଙ୍କ ଅଣ୍ଡାରୁ ଛୁଆ ଫୁଟିଲେ ଛୁଆମାନେ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ।

**ଚିକିତ୍ସା :** ଫୁରାଜୋଲିଡନ୍ ଜାତୀୟ ଔଷଧ ମାତ୍ରା ଅନୁସାରେ ଦାନାରେ କିମ୍ବା ପାଣିରେ ୧୦ ଦିନ ପର୍ଯ୍ୟନ୍ତ ଖାଇବାକୁ ଦେଲେ ଭଲ ଫଳ ମିଳିଥାଏ ।

**କୁକୁଡ଼ା ହଇଜା :** ଏହା ଏକ ଜୀବାଣୁ ଜନିତ ରୋଗ ।

**ଲକ୍ଷଣ :** ଏହି ରୋଗରେ ହଠାତ୍ ମୃତ୍ୟୁ ହୁଏ । ମୃତ୍ୟୁ ପୂର୍ବରୁ କୁକୁଡ଼ାମାନଙ୍କ ଶରୀରରେ ଉତ୍ତାପ ବୃଦ୍ଧି ପାଏ । ପର ଟାଆଁସା ଦେଖାଯାଏ । ମୁହଁରୁ ଓ ନାକରୁ ଲାଳ ବାହାରେ । ଖାଦ୍ୟ ଖାଇବା କମିଯାଏ । ଚୂଳ ନେଳିଆ ପଡ଼ିଯାଏ । ଶାଗୁଆ କିମ୍ବା ହଳଦିଆ ପାଣି ଝାଡ଼ା ହୁଏ ଓ ମଳ ଦ୍ୱାରରେ ଲାଗିଯାଏ ।

**ଚିକିତ୍ସା :** ଏହି ରୋଗରେ ସଲ୍‌ଫୋନାମାଇଡ୍, ଟେଟ୍ରାସାଇକ୍ଲିନ୍ କିମ୍ବା ଅକ୍‌ସି ଟେଟ୍ରାସାଇକ୍ଲିନ୍ ଜାତୀୟ ଔଷଧ ଭଲ କାମ କରିଥାଏ । ଏହି ଔଷଧକୁ ମାତ୍ରାନୁଯାୟୀ ପାଣିରେ ୫-୧୦ ଦିନ ପର୍ଯ୍ୟନ୍ତ ଦିଆଯାଇପାରେ ।

**କୁକୁଡ଼ା ଟାଇଫଏଡ୍ :** ଏହା ଏକ ଜୀବାଣୁ ଜନିତ ରୋଗ । ସାଲମୋନେଲା ନାମକ ଜୀବାଣୁ ଏହି ରୋଗର କାରଣ । ଏହି ଜୀବାଣୁ କକୁଡ଼ାର ଚକ୍ଷରେ ଦେଖାଯାଇଥାଏ ।

**ଲକ୍ଷଣ :** ଶାଗୁଆ ରଙ୍ଗର ପାଣି ଝାଡ଼ା ହୁଏ, ଚୂଳ ଶୁଖିଯାଏ । ଡେଣା ତଳକୁ ଝୁଲି ପଡ଼େ । କୁକୁଡ଼ା ନିସ୍ତେଜ ହୋଇ ବେକକୁ ଦୁଇ ଗୋଡ଼ ମଝିରେ ରଖେ । ଦୁଇ, ତିନିଦିନ ମଧ୍ୟରେ ମରିଯାଏ ।

**ଚିକିତ୍ସା :** ଏହି ରୋଗରେ ଫୁରାଜୋଲିଡନ୍ ଜାତୀୟ ଔଷଧମାତ୍ରା ଅନୁସାରେ ପାଣିରେ ମିଶାଇ ଦିଆଯାଇପାରେ । ଦଶଦିନ ପର୍ଯ୍ୟନ୍ତ ଦିଆଯାଇପାରେ ।

## ଭୂତାଣୁ ଜନିତ ରୋଗ

### କୁକୁଡ଼ା ବସନ୍ତ

**ଲକ୍ଷଣ :** ଏହି ରୋଗରେ କୁକୁଡ଼ାର ଚୂଳ ଓ ଫୁଲରେ ଛୋଟ ଛୋଟ କାଛୁଭଳି ଫୁଲା ଦେଖାଯାଏ । କିଛିଦିନ ପରେ ଏହି ଫୁଲା ଶୁଖିଯାଇ ଖ୍ରେପା ଛାଡ଼େ ଓ ଘା ଦେଖାଯାଏ । ଏହି ଫୁଲା କୁକୁଡ଼ାର ନାକ, ଆଖି, କାନ, ପାଟି ଓ ଗୋଡ଼ ତଳେ ମଧ୍ୟ ଦେଖାଯାଏ । ଏହି ରୋଗରେ କୁକୁଡ଼ା ନିସ୍ତେଜ ରୁହେ । ଦାନା ଖାଏ ନାହିଁ । ଓଜନ କମିଯାଏ । ଅଣ୍ଡାଦେବା ଶକ୍ତି କମିଯାଏ । ଅନେକ କ୍ଷେତ୍ରରେ କୁକୁଡ଼ାମାନଙ୍କ ଆଖି ନଷ୍ଟ ହୋଇଯାଏ । କୁକୁଡ଼ାମାନେ ଅନ୍ଧ ହୋଇଯାଆନ୍ତି । ନିଶ୍ୱାସ ନଳୀରେ ବସନ୍ତ ହେଲେ କୁକୁଡ଼ା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରେ । ଏହି ରୋଗରେ ସାଧାରଣତଃ କୁକୁଡ଼ାମାନେ ଖାଦ୍ୟ ନଖାଇ ଶୁଖି ଶୁଖି ମୃତ୍ୟୁବରଣ କରନ୍ତି ।

**ଚିକିତ୍ସା :** ଏହି ରୋଗ ଭୂତାଣୁ ଜନିତ ହୋଇଥିବାରୁ ଏହାର କୌଣସି ଫଳପ୍ରଦ ଚିକିତ୍ସା ନାହିଁ । କେବଳ ଆନୁସଙ୍ଗିକ ରୋଗରୁ ରକ୍ଷା ପାଇବା ପାଇଁ, ପାଣିରେ ମାତ୍ରାନୁସାରେ ଟେଟ୍ରାସାଇକ୍ଲିନ୍, ଅକ୍‌ସିଟେଟ୍ରାସାଇକ୍ଲିନ୍ କିମ୍ବା କ୍ଲୋରୋଟେଟ୍ରାସାଇକ୍ଲିନ୍ ଜାତୀୟ ଔଷଧ ଦିଆଯାଇପାରେ । ଏହି ରୋଗର ନିରାକରଣ ପାଇଁ ପ୍ରତିଶେଧକ ଟୀକା ଦେବାକୁ ପଡ଼ିଥାଏ ।

### ରାଣୀକ୍ଷେତ ରୋଗ

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗର ଅନ୍ୟନାମ ନିଉକାସଲ ରୋଗ ।

**ଲକ୍ଷଣ :** ଏହି ରୋଗରେ କୁକୁଡ଼ାମାନଙ୍କର ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ । କୁକୁଡ଼ା ଛିଙ୍କେ, ପାଟି ପାକୁ ପାକୁ କରି ନିଶ୍ୱାସ ନିଏ । ମୁଣ୍ଡ ତଳକୁ କରେ । ପୁରା ଶରୀର ଥରେ ।

ଗୋଡ଼ରେ ପକ୍ଷାଘାତ ହୁଏ । ଅନେକ ସମୟରେ ଡେଣାରେ ମଧ୍ୟ ପକ୍ଷାଘାତ ହୁଏ । କୁକୁଡ଼ା ଗ୍ଭଲିପାରେ ନାହିଁ । ଗୋଟିଏ ଯାଗାରେ ଗୋଡ଼ ଓ ପର ଲମ୍ବାଇ ପଡ଼ିରୁହେ । ନୀଳ ଓ ଧଳା ମିଶା ଝାଡ଼ା ହୋଇ କୁକୁଡ଼ାର ପଛପଟେ ଲାଗେ । ମୃତ୍ୟୁହାର ବଢ଼ିଯାଏ । ଅନେକ ସମୟରେ ଏହି ରୋଗରେ ଶତକଡ଼ା ଶହେ ଭାଗ କୁକୁଡ଼ା ମରିଯିବାର ଦେଖିବାକୁ ମିଳିଥାଏ । ଏଥିପାଇଁ ଏହାକୁ କୁକୁଡ଼ା ମହାମାରୀ ମଧ୍ୟ କୁହାଯାଏ ।

**ଚିକିତ୍ସା :** ଏହି ରୋଗର କୌଣସି ଫଳପ୍ରଦ ଚିକିତ୍ସା ନାହିଁ । ମାତ୍ର ଆନୁସଂଗିକ ରୋଗରୁ ରକ୍ଷା ନିମନ୍ତେ ପାଣିରେ ଟେଟ୍ରାସାଇକ୍ଲିନ୍ ବର୍ଗର ଔଷଧ ମାତ୍ରାନୁସାରେ ଦିଆଯାଇପାରେ । ଠିକ୍ ସମୟରେ କୁକୁଡ଼ାମାନଙ୍କୁ ପ୍ରତିଷେଧକ ଟୀକା ଦେଲେ ଏହି ରୋଗ ପ୍ରତିହତ ହୋଇଥାଏ ।

## ମାରେକ୍ସ ରୋଗ

ଏହା ଏକ ଭୂତାଣୁ ଜନିତ ରୋଗ ।

**ଲକ୍ଷଣ :** ଏହି ଜୀବାଣୁ କୁକୁଡ଼ାର ସ୍ନାୟୁ, ଅନ୍ତଃନଳୀ କିମ୍ବା ଆଖିକୁ ଆକ୍ରମଣ କରିଥାଏ । କୁକୁଡ଼ାର ସ୍ନାୟୁକୁ ଆକ୍ରମଣ କଲେ କୁକୁଡ଼ା ପକ୍ଷାଘାତ ରୋଗରେ ପୀଡ଼ିତ ହୁଏ । କୁକୁଡ଼ାର ଗୋଡ଼ ଓ ଡେଣାରେ ପକ୍ଷାଘାତ ହୁଏ । ଫଳତଃ କୁକୁଡ଼ା ଛୋଟା ହୋଇଯାଏ ଓ ଡେଣା ଝୁଲିପଡ଼େ । ଅନ୍ତଃନାଳୀକୁ ଆକ୍ରମଣ କଲେ କୁକୁଡ଼ାର ଅନ୍ତଃନାଳୀ ଫୁଲିଯାଏ । ହୃତ୍‌ପିଣ୍ଡ (କଲିଜା) ଫୁଲି ବଡ଼ ହୋଇଯାଏ । କୁକୁଡ଼ା ଖାଇପାରେ ନାହିଁ । ଆଖିକୁ ଆକ୍ରମଣ କଲେ ଆଖି ଫୁଲିଯାଇ ଡୋଳା ବାହାରକୁ ବାହାରି ପଡ଼େ । ଆଖି ନଷ୍ଟ ହୋଇଯାଏ । ଏହି ରୋଗ ସବୁ ବୟସର କୁକୁଡ଼ାଙ୍କୁ ହୁଏ । କୁକୁଡ଼ାମାନେ ଗ୍ଭଲିପାରନ୍ତି ନାହିଁ । ଫଳରେ ଖାଇବା ପିଇବା ସମ୍ଭବ ହୁଏ ନାହିଁ । ଶେଷରେ ମରିଯାଆନ୍ତି ।

**ଚକିତ୍ସା :** ଏହା ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର କୌଣସି ଚିକିତ୍ସା ନାହିଁ । ଠିକ୍ ସମୟରେ ପ୍ରତିଷେଧକ ଟୀକା ଦେଲେ ଏହି ରୋଗ ହୁଏ ନାହିଁ ।

## ଗୁମ୍ବୋରୋ [ଇନଫେକସିଅସ୍ ବରସାଲ ରୋଗ (IBD)]

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ କୁକୁଡ଼ାଙ୍କ ସଂସ୍ପର୍ଶରେ କିମ୍ବା କୁକୁଡ଼ା ଘରେ କାମ କରୁଥିବା ଲୋକଙ୍କ ଦ୍ୱାରା ସଂକ୍ରମିତ ହୋଇଥାଏ ।

**ଲକ୍ଷଣ :** ଧଳା ପାଣି ରଙ୍ଗର ଝାଡ଼ା ହୁଏ । ପର ଟାଆଁସ ଦେଖାଯାଏ ଓ କୁକୁଡ଼ାମାନେ ଥରନ୍ତି । କୁକୁଡ଼ାମାନଙ୍କ ମଳଦ୍ୱାର ଫୁଲି ଲାଲ୍ ଦେଖାଯାଏ । କୁକୁଡ଼ାମାନଙ୍କ ଖାଦ୍ୟ ନଳୀରେ ଏବଂ ଗୋଡ଼ ମାଂସପେଶୀରେ କ୍ଷତ ଦେଖାଯାଏ । ଏହି ରୋଗ ସାଧାରଣତଃ ଛୋଟ କୁକୁଡ଼ାଙ୍କୁ ଆକ୍ରମଣ କରିଥାଏ । ଏହି ରୋଗର ପ୍ରାଦୁର୍ଭାବ ପ୍ରାୟ ୩-୪ ଦିନ ପର୍ଯ୍ୟନ୍ତ ଲାଗିରହେ । ଏହି ସମୟ ମଧ୍ୟରେ ସାଧାରଣତଃ ଶତକଡ଼ା ୫୦ ପ୍ରତିଶତ କୁକୁଡ଼ା ମରିଯାଆନ୍ତି । ୩-୪ ଦିନ

ପରେ ଏହି ରୋଗ ଆପେ ଆପେ ଭଲ ହୋଇଯାଏ । ଏହି ରୋଗରେ କୁକୁଡ଼ା ଶରୀରର ରୋଗ ପ୍ରତିଶେଧକ ଶକ୍ତି କମିଯାଏ । ଫଳରେ ଅନ୍ୟ ରୋଗ ସହଜରେ ଆକ୍ରମଣ କରିଥାଏ ।

**ଚିକିତ୍ସା :** ଏହା ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର କିଛି ଚିକିତ୍ସା ନାହିଁ । ଠିକ୍ ସମୟରେ ଟୀକା ଦେଲେ ଓ କୁକୁଡ଼ା ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଏହି ରୋଗ ଆକ୍ରମଣରୁ ରକ୍ଷା ମିଳିଥାଏ ।

## ରକ୍ତ ଝାଡ଼ା (କକ୍‌ସିଡ଼ିଓସିସ୍)

**ଲକ୍ଷଣ :** ଏହି ରୋଗ କୁକୁଡ଼ା ଅନ୍ତଃନାଳୀରେ ଦେଖାଯାଏ । କୁକୁଡ଼ା ବାର ସପ୍ତାହ ହେବା ପର୍ଯ୍ୟନ୍ତ ଏହି ରୋଗର ପ୍ରାଦୁର୍ଭାବ ରହିଥାଏ । ବଡ଼ କୁକୁଡ଼ାମାନଙ୍କୁ ଯଦିଓ ଏହି ରୋଗ ହୁଏ ତଥାପି ବିଶେଷ କ୍ଷତି କରିପାରେ ନାହିଁ । ଏହି ରୋଗ ଆକ୍ରମଣ କଲେ ଚିଆଁମାନେ ଏକାଠି ରୁଣ୍ଡ ହୋଇ ଥରନ୍ତି । ସେମାନଙ୍କର ପର ଟାଆଁସା ଦେଖାଯାଏ । କୁକୁଡ଼ା ଚିଆଁମାନେ କୁଜା ହୋଇ ବସି ଆଖିବୁଜି ଢୁଳାନ୍ତି । ଝାଡ଼ା ପାଣି ପରି ହୁଏ ଓ ଝାଡ଼ାରେ ରକ୍ତ ପଡ଼େ, ଖାଦ୍ୟ ଓ ପାଣି ପିଇବା କମିଯାଏ । କୁକୁଡ଼ାମାନଙ୍କ ଚୂଳ ସେତା ଦେଖାଯାଏ ।

କୁକୁଡ଼ା ଘର ଲିଟର ଓଦା କିମ୍ବା ସନ୍ତସନ୍ତିଆ ହେଲେ ଏହି ରୋଗ ଦେଖା ଦେଇଥାଏ ।

**ଚିକିତ୍ସା :** ଆମ୍ପ୍ରୋଲିୟମ୍, ଫୁରାଜୋଲିଡନ ଓ ସଲଫା ଜାତୀୟ ଔଷଧ ମାତ୍ରା ଅନୁସାରେ ପାଣି ଓ ଦାନାରେ ଦେବାକୁ ପଡ଼ିଥାଏ ।

## କୃମି ଜନିତ ରୋଗ

କୁକୁଡ଼ାମାନଙ୍କ ଶରୀରରେ ଅନେକ ପ୍ରକାର କୃମି ଦେଖାଯାଆନ୍ତି । କୃମି ଯୋଗୁଁ କୁକୁଡ଼ାମାନଙ୍କର ମୃତ୍ୟୁ ହାର ସେତେ ବେଶୀ ନ ହେଲେ ମଧ୍ୟ ଏହା କୁକୁଡ଼ାମାନଙ୍କୁ ଦୁର୍ବଳ କରିଦିଏ । ଉତ୍ପାଦନ କମିଯାଏ । ଛୋଟ କୁକୁଡ଼ାମାନେ ଭଲ ବଢ଼ିପାରନ୍ତି ନାହିଁ ।

କୁକୁଡ଼ାମାନଙ୍କ ଦେହରେ ଦେଖା ଯାଉଥିବା କୃମିମାନଙ୍କ ମଧ୍ୟରେ ଗୋଲ କୃମି ଓ ଫିତା କୃମି ପ୍ରଧାନ ।

**ଗୋଲ କୃମି :** ଏହା ଦେଖିବାକୁ ଗୋଲାକୃତି । ଏହା ସାଧାରଣତଃ କୁକୁଡ଼ାର ଅନ୍ତଃନାଳୀରେ ଦେଖାଯାଏ । ଏହାର ଆକ୍ରମଣରେ କୁକୁଡ଼ା ଦୁର୍ବଳ ହୋଇଯାଏ । ଖାଦ୍ୟ ଖାଏ ନାହିଁ, ଅଣ୍ଡା ଉତ୍ପାଦନ କମିଯାଏ, ଚୂଳ ଶୁଖିଯାଏ ।

**ଚିକିତ୍ସା :** ପ୍ରତି ମାସରେ ଝାଡ଼ା ପରୀକ୍ଷା କରିବା ଉଚିତ୍ । ଏହି କୃମି ପାଇଁ ପାଇପାରାଜିନ୍ ଔଷଧ ମାତ୍ରା ଅନୁସାରେ ଦେଲେ ଉପକାର ମିଳେ । ଡିପ୍‌ଲିଟର ଗୃହରେ ରହୁଥିବା କୁକୁଡ଼ାଙ୍କୁ ପ୍ରତି ମାସରେ ଔଷଧ ଦେଇ କୃମି ଆକ୍ରମଣରୁ ପ୍ରତିରୋଧ କଲେ ଭଲ ଫଳ ମିଳିଥାଏ ।

**ଫିତାକୃମି :** ଏହି କୃମି ଦେଖିବାକୁ ଫିତା ଭଳି ଚେପ୍‌ଟା । ଏହା ସାଧାରଣତଃ କୁକୁଡ଼ାର ଅନ୍ତଃନାଳୀରେ ଦେଖାଯାଏ । ଏହାର ଆକ୍ରମଣରେ କୁକୁଡ଼ା ଦୁର୍ବଳ ହୋଇଯାଏ । ଝାଡ଼ା ହୁଏ, ପର ଟାଆଁସା ଦେଖାଯାଏ । ଅଣ୍ଡା ଉତ୍ପାଦନ କମିଯାଏ ।

**ଚିକିତ୍ସା :** ଏହି ରୋଗ ପାଇଁ ଡାଇକ୍ଲୋରେଫେନ୍ ମାତ୍ରା ଅନୁସାରେ ଦେଲେ ଭଲ ଫଳ ମିଳିଥାଏ । ଯେତେବେଳେ ଫିତାକୃମି ଦେଖାଯିବ ସେଠାରେ ପ୍ରତିମାସରେ ଥରେ ଲେଖାଏଁ ଅନ୍ୟୁନ ୪ ଥର ଔଷଧ ଦେବା ଦରକାର । ଔଷଧ ଦେବାର ପରଦିନ ଲିଟରକୁ ଭଲ ଭାବରେ ଘାଣ୍ଟି ଚୂନ ପକାଇ ଓଲଟାଇଲେ ଭଲ ଫଳ ମିଳିଥାଏ ।

## କୁକୁଡ଼ା ଟୀଙ୍କ ଓ ଉକୁଣୀ

କୁକୁଡ଼ା ଦେହରେ ବିଭିନ୍ନ ପ୍ରକାର ଉକୁଣୀ ଓ ଟୀଙ୍କ ଦେଖାଯାଆନ୍ତି । ଏଗୁଡ଼ିକ ସାଧାରଣତଃ କୁକୁଡ଼ାର ବେକ, ଡେଣା ତଳ ଓ ପିଠିରେ ଦେଖାଯାଆନ୍ତି । କୁକୁଡ଼ା ଦେହରେ ଉକୁଣୀ କିମ୍ବା ଟୀଙ୍କ ହେଲେ କୁକୁଡ଼ାମାନେ ସର୍ବଦା ଥଣ୍ଟରେ ନିଜ ଦେହକୁ ଖୁମ୍ପନ୍ତି । ଲିଟର ଦେହରେ ଗଡ଼ନ୍ତି ଓ ଏମାନଙ୍କ ଦେହରୁ ପର ଝଡ଼ିଯାଏ । ଉକୁଣୀ ଓ ଟୀଙ୍କମାନେ କୁକୁଡ଼ା ଶରୀରର ରକ୍ତ ଶୋଷିନେଇ କୁକୁଡ଼ାକୁ ଦୁର୍ବଳ କରିଦିଅନ୍ତି ଓ ଅଣ୍ଡା ଉତ୍ପାଦନ କମିଯାଏ ।

**ଚିକିତ୍ସା ଓ ନିୟନ୍ତ୍ରଣ :** କୁକୁଡ଼ା ଦେହରେ ଉକୁଣୀ କିମ୍ବା ଟିଙ୍କ ହେଲେ ଗାମାକ୍ସିନ୍ ଏକ ଭାଗରେ ପାଉଁସ ୩ ଭାଗ ମିଶାଇ କୁକୁଡ଼ା ଘରେ ରଖିଦେଲେ, ସେମାନେ ନିଜେ ନିଜେ ଏହି ଗୁଣ୍ଡ ମିଶ୍ରଣ ଉପରେ ପର ଘସିବା ଦ୍ୱାରା ଉକୁଣୀ ମରିଯାଆନ୍ତି । ମାଲାଥିଅନ, ସୁମିଥିୟନ୍, ଆସୁନଟଲ ମାତ୍ରା ଅନୁସାରେ କୁକୁଡ଼ା ଦେହରେ ଲଗାଇଲେ ଉକୁଣୀ ମରିଯାଆନ୍ତି । ଏହି ସବୁ ଔଷଧ କୁକୁଡ଼ା ଦେହରେ ଲଗାଇବା ସଙ୍ଗେ ସଙ୍ଗେ କୁକୁଡ଼ା ଘରେ ଓ ଲିଟରରେ ମଧ୍ୟ ପ୍ରୟୋଗ କଲେ ଘର ମଧ୍ୟରେ ଥିବା ଉକୁଣୀ ମରିଯାଆନ୍ତି ।

ମାସେ କିମ୍ବା ଦୁଇମାସ ଅନ୍ତରରେ ଏହି ଔଷଧକୁ ପୁଣିଥରେ ବ୍ୟବହାର କରିବା ଭଲ ।

## କବକ ଜନିତ ରୋଗ

**ଆସପରଜିଲୋସିସ୍ :** ଏହି ରୋଗକୁ ମଧ୍ୟ ବ୍ରୁଡର ନିମୋନିଆ କୁହାଯାଏ । ଏହା ଏକ ପ୍ରକାର କବକ ଦ୍ୱାରା ହୋଇଥାଏ । ଏହି ରୋଗ ସାଧାରଣତଃ ଛୋଟ ଛୁଆଙ୍କୁ ବ୍ରୁଡର ତଳେ ରହିଥିବା ସମୟରେ ହେଉଥିବାରୁ ଏହାକୁ ବ୍ରୁଡର ନିମୋନିଆ କୁହାଯାଏ । ଛୁଆ ପାଳନରେ ଅବହେଳା, କମ୍ ଜାଗାରେ ଅଧିକ ଛୁଆ ରଖିବା, ଛତୁ ମାରି ଯାଇଥିବା ଲିଟର କିମ୍ବା ଖାଦ୍ୟ ବ୍ୟବହାର କଲେ ଏହି ରୋଗ ହୋଇଥାଏ ।

**ଲକ୍ଷଣ :** ଏହି ରୋଗ କୁକୁଡ଼ାର ଶ୍ୱାସନଳୀକୁ ଆକ୍ରମଣ କରୁଥିବାରୁ ଛୁଆମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ମୁଣ୍ଡ ଉପରକୁ କରି ପାଟିବାଟେ ନିଶ୍ୱାସ ନିଅନ୍ତି । ଛୁଆମାନେ ନିସ୍ତେଜ

ଦେଖାଯାଆନ୍ତି ଓ ଗୋଟିଏ ଜାଗାରେ ଜାକିଯୁକି ହୋଇ ଜମା ହୁଅନ୍ତି । ଆଖି ଫୁଲିଯାଏ ଓ ଆଖିରୁ ନେଙ୍ଗରା ବାହାରେ । ଏହି ରୋଗରେ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥାଏ ଓ ଆକ୍ରାନ୍ତ ଛୁଆମାନେ ୨/୩ ଦିନ ମଧ୍ୟରେ ମରିଯାଆନ୍ତି ।

**ଚିକିତ୍ସା :** ଏହି ରୋଗର ଚିକିତ୍ସା ପାଇଁ ସେପରି କିଛି ନିର୍ଦ୍ଦିଷ୍ଟ ଔଷଧ ନାହିଁ । ତେବେ ୦.୦୫ଶତକଡ଼ା କପରସଲ୍‌ଫେଟ୍ ପ୍ରୋପିଓନିକ ଏସିଡ୍ କିମ୍ବା ଜେନସିଆନ ଭାଇଓଲେଟ୍ ପାଣିରେ ମିଶାଇ ଖାଇବାକୁ ଦେଲେ ଭଲ ଫଳ ମିଳିଥାଏ ।

ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ କୁକୁଡ଼ା ଛୁଆମାନଙ୍କର ଠିକ୍ ପରିମାଣରେ ଜାଗା ଯୋଗାଇ ଦେବା ଦରକାର । କୁକୁଡ଼ା ଘରକୁ ଓ ଲିଟରକୁ ଫରମାଲିନ୍ କିମ୍ବା କପରସଲଫେଟ୍ ଦ୍ୱାରା ବିଶୋଧନ କରି ଛୁଆ ରଖିଲେ ଏହି ରୋଗର ପ୍ରାଦୁର୍ଭାବରୁ ରକ୍ଷା ମିଳିଥାଏ ।

## କୁକୁଡ଼ାମାନଙ୍କ ରୋଗ ସମୂହର ନିୟନ୍ତ୍ରଣ

ମନେରଖନ୍ତୁ - 'ପ୍ରତିଷେଧକ ହିଁ ଆରୋଗ୍ୟଠାରୁ ଉତ୍କୃଷ୍ଟତର' । ଆମେ ପ୍ରତିଷେଧକ ଟୀକା ଦେଇ କୁକୁଡ଼ାମାନଙ୍କୁ ବହୁ ଭୟାବହ ରୋଗ ଓ ମୃତ୍ୟୁ ଘଟାଉଥିବା ରୋଗରୁ କୁକୁଡ଼ାମାନଙ୍କୁ ରକ୍ଷା କରିପାରିବା । କିନ୍ତୁ କେତେକ ଟୀକା ସାରା ଜୀବନ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇ ନଥାନ୍ତି । ତେଣୁ ଟୀକାର ପୁନରାବୃତ୍ତି କରିବାକୁ ପଡ଼ିଥାଏ ।

ତେଣୁ ଏକ ଟୀକା ନିର୍ଘଣ୍ଟ ପ୍ରସ୍ତୁତ କରିବା ଦରକାର । ଏହି ଟୀକା ନିର୍ଘଣ୍ଟରେ ଟୀକା ଦେବାର ତାରିଖ, ସଂରକ୍ଷଣ ବ୍ୟବସ୍ଥା ଓ ମହଜୁତ ସମ୍ବନ୍ଧରେ ବିବରଣୀ ଥିବା ଦରକାର । ଟୀକା ଦେବା ପୂର୍ବରୁ ଯେଉଁ ବିଷୟଗୁଡ଼ିକ ମନେ ରଖିବାକୁ ହେବ, ସେଗୁଡ଼ିକ ହେଲା -

୧. ଟୀକା ଦେବାର ଜ୍ଞା ନକୌଶଳ ଜାଣିଥିବା ଲୋକ କେବଳ ଟକୀ ଦେବା ଉଚିତ୍ ।
୨. ସୁସ୍ଥ ସବଳ କୁକୁଡ଼ାମାନଙ୍କୁ କେବଳ ଟୀକା ଦେବା ଉଚିତ୍ ।
୩. ଟୀକା ଦେବା ପୂର୍ବରୁ ରୋଗାକ୍ରାନ୍ତ କୁକୁଡ଼ାମାନଙ୍କୁ ପ୍ରଥମେ ଚିକିତ୍ସା କରିବା ଉଚିତ୍ ।
୪. ସଂକ୍ରାମକ ରୋଗ ବ୍ୟାପିଥିବାବେଳେ କୁକୁଡ଼ାମାନଙ୍କୁ ଟୀକା ଦେବା ଅନୁଚିତ୍ ।
୫. ବ୍ୟବହାର ହେବା ପୂର୍ବରୁ ସବୁ ଟୀକା ଗୁଡ଼ିକୁ ରେଫ୍ରିଜେରେଟରରେ ସାଇତି ରଖନ୍ତୁ । ଟୀକା ଦେବା ପୂର୍ବରୁ ପୁନଃ ପ୍ରସ୍ତୁତ ଟୀକାକୁ ବିଶେଷତଃ ଜୀବିତ ଭୂତାଣୁ ଟୀକାଗୁଡ଼ିକୁ (Live viral vaccines) ବରଫ ଭିତରେ ସଂରକ୍ଷଣ କରାଯିବା ଦରକାର ।
୬. ସବୁ ଖାଲି ବୋତଲ, ବଳିଥିବା ଓ ତାରିଖ ଶେଷ ହୋଇଯାଇଥିବା ଟୀକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ।
୭. ବ୍ରଏଲର୍ କୁକୁଡ଼ାମାନଙ୍କ ଜୀବନ କାଳ ଅଳ୍ପ ଦିନ ହୋଇଥିବାରୁ ଥରେ ଟୀକା ଦେବା ଯଥେଷ୍ଟ ହୋଇଥାଏ । ମାତ୍ର ଅଣ୍ଡା ଦିଆ କୁକୁଡ଼ାମାନଙ୍କ ପାଇଁ ଏକ ଟୀକା ନିର୍ଘଣ୍ଟର

ଆବଶ୍ୟକ ହୋଇଥାଏ - ଯାହାକି କୁକୁଡ଼ାମାନଙ୍କ ବର୍ଦ୍ଧିଷ୍ଣୁ ସମୟରେ ଓ ଅଣ୍ଡା ଦେବା ସମୟରେ ସୁରକ୍ଷା ଦେଇଥାଏ ।

**ପୂର୍ବ ସାବଧାନତା :** ରାଣୀକ୍ଷେତ ଟୀକା ଦେବା ପୂର୍ବରୁ କୁକୁଡ଼ାମାନଙ୍କୁ କୃମିନାଶକ ଔଷଧ ଦେବା ଉଚିତ୍ ।

କକ୍‌ସିଡ଼ିଆ ସଂକ୍ରାମକ ଭାବରେ ଦେଖାଦେଲେ, କୁକୁଡ଼ାମାନଙ୍କୁ କୌଣସି ପ୍ରତିଷେଧକ ଟୀକା ଦେବା ଅନୁଚିତ୍ । ପ୍ରତିଥର ଟୀକା ଦେବା ପୂର୍ବରୁ ଓ ପରେ କକ୍‌ସିଡ଼ିଆ ସଂକ୍ରାମକ ରୋଗ ଭାବରେ ଦେଖା ଦେଉଛି କି' ନା ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଅନ୍ତୁ ।

ଲାସୋଟୋ କିମ୍ବା ଗୁମ୍ଵୋରୋ ରୋଗର ଟୀକା ପାଣି କିମ୍ବା ଅମୂଲ ପାଉଡର ମିଶା ପାଣିରେ ମିଶାଇ ଦେବା ସମୟରେ କୌଣସି ଏଣ୍ଟିବାଇଓଟିକ୍ ଔଷଧ କିମ୍ବା ଅନ୍ୟ କୌଣସି ଔଷଧ କୁକୁଡ଼ାଙ୍କୁ ଦେବା ଅନୁଚିତ୍ ଏବଂ ଏହି ଟୀକାକୁ ବରଫ ପାଣିରେ ଦେବା ଦରକାର ।

## ପ୍ରତିଷେଧକ ବ୍ୟବସ୍ଥା

## କୁକୁଡ଼ାମାନଙ୍କୁ ଟୀକା ଦେବା ସୂଚୀ

| ରୋଗର ନାମ | ଟୀକାର ନାମ | କୁକୁଡ଼ାର ବୟସ | କିପରି ଦେବାକୁ ହେବ ଓ ମାତ୍ରା |
|---|---|---|---|
| ମାରେକ୍‌ସ | ମାରେକ୍ | ଏକଦିନ | ୦.୨ ମି.ଲି. ବେକ ଚର୍ମ ତଳେ କିମ୍ବା ଗୋଡ଼ ମାଂସପେଶୀ ତଳେ |
| ରାଣୀକ୍ଷେତ | ରାଣୀକ୍ଷେତ (ଏଫ୍-୧) | ୫-୭ଦିନ ମଧ୍ୟରେ | ଏକ ବୁନ୍ଦା ଲେଖାଏଁ ନାକ ପୁଡ଼ାରେ କିମ୍ବା ଆଖିରେ |
| ଗୁମ୍ଵୋରୋ | ଗୁମ୍ଵୋରୋ | ୧୪-୨୧ ଦିନ ମଧ୍ୟରେ | ଏକ ବୁନ୍ଦା ଲେଖାଏଁ ଆଖିରେ |
| କୁକୁଡ଼ା ବସନ୍ତ | କୁକୁଡ଼ା ବସନ୍ତ | ୬-୭ ସପ୍ତାହ ମଧ୍ୟରେ | ଡେଣାତଳେ ଛୁଞ୍ଚ ଦ୍ୱାରା ଫୋଡ଼ି (prick) |
| ରାଣୀକ୍ଷେତ | ରାଣୀକ୍ଷେତ (ଆର. ଟୁ. ବି.) | ୮-୧୦ ସପ୍ତାହ ମଧ୍ୟରେ | ୦.୫ ମି.ଲି. ଗୋଡ଼ ମାଂସପେଶୀ ତଳେ କିମ୍ବା ଡେଣାର ଚର୍ମ ତଳେ |
| ରାଣୀକ୍ଷେତ | ରାଣୀକ୍ଷେତ (ଆର.ଟୁ.ବି.) | ୧୬ ସପ୍ତାହ | ୦.୫ ମି.ଲି. ଡେଣାର ଚର୍ମ ତଳେ |

## ବ୍ରଏଲର ଓ ଅଣ୍ଡାଦିଆ କୁକୁଡ଼ା ଫାର୍ମ କରିବାରେ ମୋଟ ଖର୍ଚ୍ଚ ଓ ଲାଭ

କୁକୁଡ଼ା ଗୃଷ କରିବାକୁ ଖାଲି ମନସ୍ଥ କଲେ ଚଳିବ ନାହିଁ । ଏଥିପାଇଁ ବହୁତ ଆଲୋଚନା କରିବା ଦରକାର । କାରଣ ସବୁ ବ୍ୟବସାୟ ପାଇଁ ଅର୍ଥର ଆବଶ୍ୟକତା ପ୍ରଧାନ । ତେଣୁ କୁକୁଡ଼ା ଗୃଷ ପାଇଁ ଏହା ନିହାତି ଦରକାର । ଜମି କିଣିବାଠାରୁ ଆରମ୍ଭ କରି ଘର କରିବା, ରାସ୍ତା କରିବା, କୁକୁଡ଼ା ଫାର୍ମରେ ଲାଗୁଥିବା ଉପକରଣ, ଛୁଆ, ଦାନା, ଟୀକା, ଔଷଧ ଇତ୍ୟାଦି ଅନେକ ଜିନିଷ କିଣିବାରେ ପଇସା ଖର୍ଚ୍ଚ କରିବାକୁ ପଡ଼ିଥାଏ । ତା-ସାଥିରେ ମଧ୍ୟ ମୂଲିଆ ଖର୍ଚ୍ଚ, ବିଜୁଳି ଖର୍ଚ୍ଚ, ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ବହନ କରିବାକୁ ପଡ଼ିଥାଏ । ବିଶେଷ କରି ଅର୍ଥ ବିନିଯୋଗ କରିବାର କୌଶଳ ନ ଜାଣିଥିଲେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଗୃହପାଳିତ ପଶୁପକ୍ଷୀଙ୍କୁ ନେଇ ଅର୍ଥ ବିନିଯୋଗ କରିବା ଆଉ କଳକାରଖାନାରୁ ପ୍ରସ୍ତୁତ ଦ୍ରବ୍ୟରେ ଅର୍ଥ ଖଟାଇବା ମଧ୍ୟରେ ବହୁତ ପ୍ରଭେଦ ଅଛି ।

ଯଦି ମୂଳଧନ ଅଛି ତେବେ ଏ ସବୁ ସହଜ । କିନ୍ତୁ ଯେଉଁମାନେ ଟଙ୍କା ଋଣ କରି କୁକୁଡ଼ା ଫାର୍ମ କରିବାକୁ ଗୃହାନ୍ତି, ସେମାନଙ୍କୁ ସୁଧ ବାବଦ ଖର୍ଚ୍ଚ ମଧ୍ୟ ଏଥିରୁ ଦେବାକୁ ପଡ଼େ । ତଥାପି ସ୍ଥାନ, କାଳ ଓ ସମୟ ନେଇ ଏ ଖର୍ଚ୍ଚ ଅଧିକ ବା କମ୍ ହୋଇପାରେ । ପ୍ରତି ଅଣ୍ଡା ବା ପ୍ରତି କିଲୋ କୁକୁଡ଼ା ମାଂସ ପାଇବାକୁ ହେଲେ କେତେ ଖର୍ଚ୍ଚ ଲାଗିବ ତାହା ଫାର୍ମ କରିବା ପୂର୍ବରୁ ଅନୁଧ୍ୟାନ କରାଯାଏ । ଥରେ ମୋଟ୍ ଖର୍ଚ୍ଚ ଓ ଆଦାୟ ଜାଣିଗଲେ ଲାଭ କ୍ଷତି ହିସାବ କରିବା ସହଜ । ତେବେ କୁକୁଡ଼ା ଫାର୍ମ ମାଂସ ପାଇଁ ହେଉ ବା ଅଣ୍ଡା ପାଇଁ ହେଉ କ୍ଷତି ହେବାର ସମ୍ଭାବନା ବହୁତ କମ୍ । କିନ୍ତୁ ଏଥିପାଇଁ ଯତ୍ନ ନେବା ନିହାତି ଆବଶ୍ୟକ ।

ଆମ ଓଡ଼ିଶା ପରି ରାଜ୍ୟରେ ଏକ ୫୦୦ ବ୍ରଏଲର୍ ଫାର୍ମ ଓ ୧୦୦୦ ଅଣ୍ଡା ଦିଆ ଫାର୍ମ କରିବା ସକାଶେ ଏକ ନମୁନା ତଳେ ଦିଆଗଲା । ସମୟକୁ ସମୟ ଫାର୍ମର ଖର୍ଚ୍ଚ ନମୁନା ପରିବର୍ତ୍ତନ ହୋଇଥାଏ । ଅଧିକ ଜାଣିବା ପାଇଁ ଓଡ଼ିଶା ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗର ବିପଣନ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

## ଘର ଅଗଣାରେ କୁକୁଡ଼ା ଗୃଷ

ଘର ବାଡ଼ିରେ କୁକୁଡ଼ା ପାଳିବା କାହିଁକି ?

୧) ଏହି ପ୍ରଣାଳୀରେ ଖୁବ୍ କମ୍ ଖର୍ଚ୍ଚ, କମ୍ ସମୟ, କମ୍ ପରିଶ୍ରମ ଓ କମ୍ ସ୍ଥାନରେ ଅଧିକ ଲାଭ ମିଳେ ।

୨) ନିଜ ଘର ପର୍ବ ପର୍ବାଣୀ, ବିଭାଘର, ବନ୍ଧୁ ବାନ୍ଧବ ଆଗମନ, ଘରର ଗର୍ଭବତୀ ଓ ସ୍ତନଦାତ୍ରୀ ମା' ଏବଂ ପିଲାମାନଙ୍କୁ ଅଣ୍ଡା ଓ କୁକୁଡ଼ା ମାଂସ ପରି ଉନ୍ନତ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ସୁବିଧା ହୋଇଥାଏ ।

୩) ହଠାତ୍ ଖର୍ଚ୍ଚର ଆବଶ୍ୟକତା ପାଇଁ କୁକୁଡ଼ା ବିକ୍ରି କରାଯାଇ ନିଜର ଆବଶ୍ୟକତା ପୂରଣ କରାଯାଇଥାଏ ।

୪) କୁକୁଡ଼ା ଅନ୍ୟ ଗୃହପାଳିତ ପଶୁ ତୁଳନାର କମ୍ ଖାଦ୍ୟ ଖାଏ ।

୫) ରୋଷେଇ ଘରର ଆବର୍ଜ୍ଜନାକୁ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର ହୋଇଥାଏ ।

୬) କ୍ଷୁଦ୍ର, ନାମମାତ୍ର ଓ ଭୂମୀହୀନ ଚାଷୀର ଏହା ଏକ ଉପଜୀବିକା ଭାବେ ସାହାଯ୍ୟ କରିଥାଏ ।

୭) ପରିବାରର ମହିଳାମାନଙ୍କର ବଳକା ସମୟର ଠିକ୍ ଉପଯୋଗ ହୋଇଥାଏ ।

୮) କୁକୁଡ଼ା ମଳ, ବୃକ୍ଷ ଓ ଚାଷଜମି ପାଇଁ ଏକ ମୂଲ୍ୟବାନ ଖତ ସାର ରୂପେ ବ୍ୟବହାର ହୁଏ ।

୯) କେତେକ ସ୍ଥାନରେ କୁକୁଡ଼ା ଲଢ଼େଇ ଲୋକମାନଙ୍କୁ ଆମୋଦ ପ୍ରମୋଦ ଦେଇଥାଏ ।

୧୦) ଉତ୍ତମ ପ୍ରଜାତି ପାଇଁ ଲଢୁଆ ସଫଳ ଗଣ୍ଡା ଆବଶ୍ୟକ ।

**ଘରବାଡ଼ିରେ କୁକୁଡ଼ା ପାଳନ ପାଇଁ ବିଭିନ୍ନ ପ୍ରଜାତିର କୁକୁଡ଼ା :-**

ବଣରାଜ, ଗିରିରାଜ, ରୋଡ୍ ଆଇଲ୍ୟାଣ୍ଡ ରୋଡ଼ (ଆର୍.ଆଇ. ଆର୍) ଅସିଲ, ଅଷ୍ଟ୍ରୋଲର୍ପ, ଭେଜାଗୁଡ଼ା, ଡ଼ିଙ୍କି, କଳାହାଣ୍ଡିଆ, ଲେଗ୍‌ହର୍ଣ୍ଣ ଇତ୍ୟାଦି ।

**କୁକୁଡ଼ା ପାଳନ ପଦ୍ଧତି :** ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପ୍ରଣାଳୀ ଅନୁସାରେ କୁକୁଡ଼ାମାନଙ୍କୁ ଦିନରେ ବାହାରେ ଛଡ଼ାଯାଏ । ରାତିରେ ଘର ଅଗଣାରେ ବା ଘର ପଛପଟ ପିଣ୍ଡା ମଧ୍ୟରେ କିମ୍ବା ଭାଡ଼ି କରି ଛୋଟ ଘରଟିରେ କୁକୁଡ଼ାଙ୍କୁ ରଖାଯାଇଥାଏ । ସେମାନେ ଦିନରେ ବାହାରେ ଚରାବୁଲା କରି ପୋକଯୋକ ଓ ଅନ୍ୟାନ୍ୟ ଖାଦ୍ୟ ଖାଇ ସନ୍ଧ୍ୟାରେ ନିଜ ଛୋଟ ଘରକୁ ଫେରିଆସନ୍ତି । ଅନେକ ଲୋକ ସନ୍ଧ୍ୟାରେ କିଛି ଖୁଦ ଧାନ ଓ କୁଣ୍ଡା କିମ୍ବା ମାଣ୍ଡିଆ ଚୁନା ଇତ୍ୟାଦି ଖାଇବାକୁ ଦିଅନ୍ତି ।

**କୁକୁଡ଼ାଘର :-** ଅତି ଅଳ୍ପ ଖର୍ଚ୍ଚରେ ନିଜ ଅଞ୍ଚଳରେ ମିଳୁଥିବା ବାଉଁଶ, କାଠ, ନଡ଼ା ଓ ତାଳ ବରଡ଼ା ବିନିଯୋଗ କରି କୁକୁଡ଼ା ଘର କରପାରିବେ ।

**ଦାନାପତ୍ର :** କୁକୁଡ଼ା ମାନଙ୍କୁ ଖାଇବାକୁ ଦେବାକୁ ଦାନାପାତ୍ର ବ୍ୟବହାର କଲେ ଖାଦ୍ୟ ନଷ୍ଟ ହୁଏ ନାହିଁ । ବିଭିନ୍ନ ପ୍ରକାର ଦାନାପାତ୍ର ଯଥା - କାଠ ବା ବାଉଁଶ ତିଆରି ଡଙ୍ଗାପାତ୍ର, ଦସ୍ତା ଡଙ୍ଗାପାତ୍ର କିମ୍ବା ଦସ୍ତା ନିର୍ମିତ ସିଲିଣ୍ଡରାକୃତି ଝୁଲା ଦାନାପାତ୍ର ଆଦି ବ୍ୟବହାର ହୁଏ ।

**ପାଣିପାତ୍ର :** ଏକ ଅମୂଲ ଡବା ସହ ଥାଳିଆରେ ପାଣିପାତ୍ର କରାଯାଏ । ଏହି ପ୍ରଣାଳୀରେ ଡବାର ମୁହଁର ୨ ସେ.ମି. ଉପରେ ଛିଦ୍ର କରାଯାଏ । ତାପରେ ଡବାରେ ପାଣିନେଇ ଥାଳିଆକୁ ଡବାର ଉପରେ ଢାଙ୍କି ଦିଆଯାଏ ଏବଂ ପରେ ଓଲଟେଇ ଦିଆଯାଏ । ମାଠିଆରେ ୩/୪ ଜାଗା ସମାନ ସ୍ତରରେ କଟାଯାଇ ପାଣିପାତ୍ର ରୂପେ ବ୍ୟବହାର କରାଯାଏ ।

**କୁଡୁକି କୁକୁଡ଼ା ଦ୍ୱାରା ଅଣ୍ଡା ଉଷୁମାଇବା :-** କୁକୁଡ଼ା କୁଡୁକି ହେଲେ, ତାକୁ ୧୫-୨୦ଟି ଅଣ୍ଡା ଉଷୁମାଇବାକୁ ସୁଯୋଗ ଦିଅନ୍ତୁ । କୁଡୁକି ବସିବାର ସ୍ଥାନଟି ଅନ୍ଧାରିଆ ହେବା ଆବଶ୍ୟକ । ଗୋଟିଏ ପାଛିଆରେ କିଛି ନଡ଼ା କିମ୍ବା ଶୁଖିଲା ପତ୍ରର ଏକ ଶେଜ କରିଦିଅନ୍ତୁ ଏବଂ ଏହି ଶେଜ ଉପରେ କୁକୁଡ଼ାକୁ ଅଣ୍ଡା ଉଷୁମାଇବା ପାଇଁ ବ୍ୟବହାର କରାଯାଇପାରେ । ଦିନରେ ଥରେ ଖାଦ୍ୟ ଓ ପାଣିର ବ୍ୟବସ୍ଥା ଘର ଅଗଣାରେ କରିବା ଦରକାର । ୨୧ ଦିନ ଅଣ୍ଡା ଉଷୁମାଇବା ପରେ ସାଧାରଣତଃ ଅଣ୍ଡାରୁ ଚିଆଁ ବାହାରିଥାଏ । ସାଧାରଣତଃ କୁଡୁକି ପେଣ୍ଡି ୨୦ଟି ଅଣ୍ଡାରୁ ୧୫-୨୦ଟି ଚିଆଁ ଫୁଟାଇଥାଏ ।

**ଚିଆଁ ପାଳନ :** ଚିଆଁପାଳନ ପାଇଁ ବିଭିନ୍ନ ପ୍ରକାର ବ୍ରୁଡର ବ୍ୟବହାର କରାଯାଇଥାଏ । ସେଗୁଡ଼ିକ ହେଲା - ବାଉଁଶ ଟୋକେଇ ଓ ବିଦ୍ୟୁତ୍ ଚିଆଁପାଳନ, ଲଣ୍ଠନ ଦ୍ୱାରା ଚିଆଁ ପାଳନ, ବିଦ୍ୟୁତ୍ ଚାଳିତ ବ୍ରୁଡର ଇତ୍ୟାଦି ।

**ଚିଆଁ ଖାଦ୍ୟ :** କୁକୁଡାଙ୍କୁ ତା'ର ଚିଆଁ ସହିତ ଘର ଅଗଣାରୁ ବାହାରକୁ ଅତି ଦୂରଜାଗାକୁ ବୁଲିବାକୁ ଦିଅନ୍ତୁ ନାହିଁ । ନିକଟରେ ଘରର ଆବର୍ଜନା, ଗଦା କିମ୍ବା ଖତଗଦା ପାଖୁ ଛାଡ଼ନ୍ତୁ, ଘର ଅଗଣାରେ କୁକୁଡ଼ା ଓ ଚିଆଁ ମାନଙ୍କ ପାଇଁ ପାଣି ଓ ଖାଦ୍ୟର ବ୍ୟବସ୍ଥା କରନ୍ତୁ । ଯାହାଦ୍ୱାରା ସେମାନେ ଦୂରକୁ ଖାଦ୍ୟ ଖୋଜିବାପାଇଁ ଯିବେ ନାହିଁ । କୁକୁଡ଼ା ଚିଆଁମାନଙ୍କୁ ଏକ ଦିନଠାରୁ ଚାଉଳ ଚୁନା ବା ସୁଜୀ ଖାଇବାକୁ ଦିଆଯାଏ । ମା' ଚିଆଁକୁ ଖାଇବାକୁ ଶିଖାଏ । ଏହିଭଳି ୬-୭ ଦିନ ଚିଆଁକୁ ପାଳନ କରାଯାଇଥାଏ ଏବଂ ପରେ ପରେ ଘର ଚାରିପଟେ ମାଇ କୁକୁଡ଼ା ଓ ଚିଆଁକୁ ଖୋଲା ଛାଡ଼ି ଦିଆଯାଏ ।

ସନ୍ଧ୍ୟାସମୟରେ ଖାଦ୍ୟ ପାତ୍ରରେ ଖାଦ୍ୟ ଦିଅନ୍ତୁ ଯାହା ଫଳରେ କୁକୁଡ଼ାମାନେ ଅନ୍ୟ କେଉଁଆଡ଼େ ନଯାଇ ଘରକୁ ଫେରି ଆସିବେ । ଚିଆଁ ମାନଙ୍କୁ ଗୋଟିଏ ବାଉଁଶ ତିଆରି ଝାମ୍ପରେ ଉଗୁଡ଼େଇ ରଖି ତା ଭିତରେ ଅଲଗା ଖାଇବାକୁ ଦିଅନ୍ତୁ । ଏହାକୁ କ୍ରିପ୍ ଫିଡିଂ ବା କ୍ରିପ୍ ଖାଇବା ପଦ୍ଧତି କହନ୍ତି ।

**ବାହ୍ୟ ଶିକାରୀ ପଶୁ ଓ ପକ୍ଷୀଙ୍କ ଠାରୁ ସୁରକ୍ଷା ପ୍ରଦାନ :** ଚିଆଁ ମାନଙ୍କୁ ଚିଲ, ଛଞ୍ଚାଣ ଓ କାଉ ଦାଉରୁ ରକ୍ଷା କରନ୍ତୁ । ଏହି ଶିକାରୀ ପକ୍ଷୀମାନେ ବହୁ ଉଚ୍ଚରେ ଉଡ଼ି ଆହାର ଖୋଜିବାବେଳେ କୁକୁଡ଼ା ଚିଆଁ ମାନେ ସେମାନଙ୍କର ଶୀକାର ହୁଅନ୍ତି । କାଉ ଓ ଚଞ୍ଚାଣ ମାନଙ୍କ

ଠାରୁ ଛିଆଁ ମାନଙ୍କୁ ତାର ମା' ସେମାନଙ୍କୁ ନିଜର ଡେଣା ଭିତରେ ଲୁଗ୍ଭଇ ରଖିଦିଏ । କୁକୁଡ଼ା ମାନଙ୍କୁ କଟାସ, ବିଲେଇ, କୁକୁର ଓ ଅନ୍ୟାନ୍ୟ ଶିକାରୀ ପଶୁଙ୍କ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ ।

**ଗଞ୍ଜା ଓ ପେଣ୍ଠି ପାଳିବାର ଅନୁପାତ :** ସାଧାରଣତଃ ୭ ଗୋଟି ପେଣ୍ଠି ରଖିଥିଲେ ତା ସହିତ ଗୋଟିଏ ଗଞ୍ଜାର ଆବଶ୍ୟକତା ଥାଏ । ଏହି ଅନୁପାତରେ ଗଞ୍ଜା ଓ ପେଣ୍ଠି ପାଳନ କଲେ ବହୁତ କୁକୁଡ଼ା ଛିଆଁ ମିଳିପାରିବ ।

